# ଲେଖା ଏକ ଝଲକରେ

# 2016-17

## ଓଡିଶା ସରକାର

# ଲେଖା ଏକ ଝଲକରେ

**2016-17**

ଓଡ଼ିଶା ସରକାର

# ମୁଖବନ୍ଧ

ଏହା ଆମର ଲେଖା ଏକ ଝଲକରେ ହିସାବର ଉନବିଂଶ ସଂସ୍କରଣ ।

ରାଜ୍ୟ ସରକାରଙ୍କର ବାର୍ଷିକ ହିସାବ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରସ୍ତୁତ ଏବଂ ପରୀକ୍ଷା ହୋଇ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ) ଅଧିନିୟମ 1971 ଅନୁସାରେ ରାଜ୍ୟ ବିଧାନସଭାରେ ଆଗତ ହୁଏ । ରାଜ୍ୟ ସରକାରଙ୍କର ବାର୍ଷିକ ହିସାବ ହେଉଛି (କ) ବିତ୍ତ ଲେଖା ଏବଂ (ଖ) ବିନିଯୋଗ ଲେଖା । ବିତ୍ତ ଲେଖା ହେଉଛି ସଂଗଠିତ ପାଣ୍ଠି, ଆପଦକାଳୀନ ପାଣ୍ଠି ଓ ସାଧାରଣ ହିସାବ ଅଧୀନରେ ହିସାବର ସଂକ୍ଷିପ୍ତ ବିବରଣୀ । ବିନିଯୋଗ ଲେଖା ରାଜ୍ୟ ବିଧାନସଭା ଦ୍ଵାରା ମଞ୍ଜୁର ହୋଇଥିବା ଅର୍ଥ ତୁଳନାରେ ଅନୁଦାନ ଅନୁସାରେ ଖର୍ଚ୍ଚର ବିବରଣୀ ଏବଂ ପ୍ରକୃତ ବ୍ୟୟ ବରାଦ ଓ ବାସ୍ତବ ଖର୍ଚ୍ଚ ବିଷୟରେ ସ୍ପଷ୍ଟୀକରଣ । ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ରାଜ୍ୟର ବିତ୍ତ ଲେଖା ଓ ବିନିଯୋଗ ଲେଖା ପ୍ରସ୍ତୁତ କରନ୍ତି ।

ଲେଖା ଏକ ଝଲକରେ ବିତ୍ତ ଲେଖା ଓ ବିନିଯୋଗ ଲେଖାରେ ପ୍ରତିଫଳିତ ହୋଇଥିବା ରାଜ୍ୟ ସରକାରଙ୍କର କାର୍ଯ୍ୟକ୍ରମ ବିଷୟରେ ଏକ ସ୍ଥୂଳ ସୂଚନା ପ୍ରଦାନ କରିଥାଏ । ସଂକ୍ଷିପ୍ତ ବର୍ଣ୍ଣନା, ବିବରଣୀ ଏବଂ ଗ୍ରାଫ ଜରିଆରେ ସୂଚନା ଏଥିରେ ପ୍ରଦାନ କରାଯାଇଥାଏ । ଏହି ହିସାବ ଓଡ଼ିଶା ସରକାରଙ୍କର ବିତ୍ତ ଓ ବିନିଯୋଗ ଲେଖାରୁ ଗ୍ରହଣ କରାଯାଇଛି । ତାରତମ୍ୟ କ୍ଷେତ୍ରରେ ବିତ୍ତ ଓ ବିନିଯୋଗ ଲେଖାରେ ପ୍ରତିଫଳିତ ହୋଇଥିବା ହିସାବ ହିଁ ସଠିକ୍ ବୋଲି ବିବେଚନା କରାଯାଇପାରେ ।

ଆମେ ଏହି ପ୍ରକାଶନର ଉନ୍ନତି ପାଇଁ ମତାମତ ଅପେକ୍ଷାରେ ଅଛୁ ।

ମଧୁମିତା ବସୁ

**ଭୁବନେଶ୍ୱର**
**ତା** 14.12.2017

**(ମଧୁମିତା ବସୁ)**
**ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ)**

## ଆମ ଲକ୍ଷ୍ୟ, ଦୂରଦୃଷ୍ଟି ଓ ମୌଳିକ ମୂଲ୍ୟବୋଧ

ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ଅନୁଷ୍ଠାନର ଦର୍ଶନ ହିଁ ଆମ ଆଶାର ପ୍ରତୀକ।

ସରକାରୀ କାର୍ଯ୍ୟର ସମୀକ୍ଷା ଓ ହିସାବ ରକ୍ଷଣରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସର୍ବୋତ୍ତମ ପଦ୍ଧତି ପ୍ରଚଳନ କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ଦେବାପାଇଁ ଏବଂ ସରକାରୀ ଅର୍ଥ ବ୍ୟବସ୍ଥା ଓ ପ୍ରଶାସନ ସଂକ୍ରାନ୍ତରେ ସ୍ୱାଧୀନ, ବିଶ୍ୱସନୀୟ, ସଂନ୍ତୁଳିତ ତଥା ସମୟାନୁବର୍ତ୍ତୀ ସମୀକ୍ଷା ଉପସ୍ଥାପନରେ ଆନ୍ତର୍ଜାତିକ ସ୍ୱୀକୃତି ପାଇଁ ଆମେ ଉଦ୍ୟମରତ ।

ଆମର ଲକ୍ଷ୍ୟ, ଆମର ସାମ୍ପ୍ରତିକ ଭୂମିକାକୁ ସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ଆଜି ଆମେ କ'ଣ କରୁଛୁ ତାହା ସୂଚିତ କରୁଛି ।

ଭାରତୀୟ ସମ୍ବିଧାନ ଦ୍ୱାରା ନ୍ୟସ୍ତ ଦାୟିତ୍ୱ ସମ୍ପାଦନ ପାଇଁ ଆମେ ଉଚ୍ଚମାନର ସମୀକ୍ଷା ଏବଂ ହିସାବ ରକ୍ଷଣ ଜରିଆରେ ଉତ୍ତରଦାୟୀ, ସ୍ୱଚ୍ଛତା ଓ ଉତ୍ତମ ପ୍ରଶାସନକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟୟ ବରାଦ ମୁତାବକ ଅର୍ଥ ଖର୍ଚ୍ଚ ହେଉଛି କି ନାହିଁ ଓ ସରକାରୀ ଅର୍ଥର ଫଳପ୍ରଦ ବିନିଯୋଗ ହେଉଛି କି ନାହିଁ; ତାହା ସୁନିଶ୍ଚିତ କରିବା ପାଇଁ ଆମେ ବ୍ୟବସ୍ଥାପିକା, କାର୍ଯ୍ୟ ନିର୍ବାହୀ ତଥା ଜନ ସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛୁ ।

ଆମର ମୌଳିକ ମୂଲ୍ୟବୋଧ ହିଁ ଆମର ପଥପ୍ରଦର୍ଶକ ଓ ଆମ କାର୍ଯ୍ୟ ସମ୍ପାଦନର ସର୍ବୋତ୍କୃଷ୍ଟ ପରିମାପକ।

- ⇨ସ୍ୱାଧୀନତା
- ⇨ବୈଶିଷ୍ଟତା
- ⇨ସାଧୁତା
- ⇨ନିର୍ଭରଶୀଳତା
- ⇨ବୃତ୍ତିଗତ ଉତ୍କର୍ଷତା
- ⇨ସ୍ୱଚ୍ଛତା
- ⇨ସକାରାତ୍ମକ ଦୃଷ୍ଟିଭଙ୍ଗୀ

# ସୂଚୀପତ୍ର


| | | ପୃଷ୍ଠା ସଂଖ୍ୟା |
|---|---|---|
| ଅଧ୍ୟାୟ I | ସାଧାରଣ ସମୀକ୍ଷା | 1 - 10 |
| 1.1 | ଉପକ୍ରମ | 1 |
| 1.2 | ହିସାବର ଡାଞ୍ଚା | 1 |
| 1.3 | ବିତ୍ତ ଲେଖା ଓ ବିନିଯୋଗ ଲେଖା | 3 |
| 1.4 | ପାଣ୍ଠିର ଉତ୍ସ ଏବଂ ବିନିଯୋଗ | 3 |
| 1.5 | ହିସାବର ମୁଖ୍ୟାଂଶ | 7 |
| 1.6 | ନିଅଣ୍ଟ ଓ ବଳକାର ସୂଚନା | 8 |
| ଅଧ୍ୟାୟ II | ପ୍ରାପ୍ତି | 11 – 18 |
| 2.1 | ଉପକ୍ରମ | 11 |
| 2.2 | ରାଜସ୍ୱ ପ୍ରାପ୍ତି | 11 |
| 2.3 | ପ୍ରାପ୍ତିର ଧାରା | 12 |
| 2.4 | ରାଜ୍ୟର ନିଜ ଟିକସ ରାଜସ୍ୱ ସଂଗ୍ରହର ଫଳାଫଳ | 14 |
| 2.5 | ଟିକସ ସଂଗ୍ରହରେ ଦକ୍ଷତା | 15 |
| 2.6 | କେନ୍ଦ୍ରୀୟ ଟିକସର ରାଜ୍ୟ ଅଂଶର ଧାରା | 15 |
| 2.7 | ସହାୟକ ଅନୁଦାନ | 16 |
| 2.8 | ସରକାରୀ ଋଣ | 17 |
| ଅଧ୍ୟାୟ III | ଖର୍ଚ୍ଚ | 19 -22 |
| 3.1 | ଉପକ୍ରମ | 19 |
| 3.2 | ରାଜସ୍ୱ ଖର୍ଚ୍ଚ | 19 |
| 3.3 | ପୁଞ୍ଜିଗତ ଖର୍ଚ୍ଚ | 21 |
| ଅଧ୍ୟାୟ IV | ଯୋଜନା ଓ ଅଣ ଯୋଜନା ଖର୍ଚ୍ଚ | 23 -25 |
| 4.1 | ଖର୍ଚ୍ଚର ବିତରଣ | 23 |
| 4.2 | ଯୋଜନା ଖର୍ଚ୍ଚ | 23 |
| 4.3 | ଅଣ ଯୋଜନା ଖର୍ଚ୍ଚ | 24 |
| 4.4 | ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ | 25 |

# ସୂଚୀପତ୍ର


| | | ପୃଷ୍ଠା ସଂଖ୍ୟା |
|---|---|---|
| **ଅଧ୍ୟାୟ V** | **ବିନିଯୋଗ ଲେଖା** | **26 - 29** |
| 5.1 | ବିନିଯୋଗ ହିସାବର ସାରାଂଶ | 26 |
| 5.2 | ବିଗତ ପାଞ୍ଚ ବର୍ଷର ସଞ୍ଚୟ ଓ ଅଧିକ ଖର୍ଚ୍ଚକ ଧାରା | 27 |
| 5.3 | ମହତ୍ୱପୂର୍ଣ୍ଣ ସଞ୍ଚୟ | 27 |

| | | |
|---|---|---|
| **ଅଧ୍ୟାୟ VI** | **ପରି ସମ୍ପତ୍ତି ଓ ଦେୟତା** | **30 - 31** |
| 6.1 | ପରି ସମ୍ପତ୍ତି | 30 |
| 6.2 | ଋଣ ଓ ଦେୟତା | 30 |
| 6.3 | ବଚନ ବଦ୍ଧତା | 31 |

| | | |
|---|---|---|
| **ଅଧ୍ୟାୟ VII** | **ଅନ୍ୟାନ୍ୟ ବିଷୟ** | **32 - 36** |
| 7.1 | ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ଓ ଅଗ୍ରୀମ | 32 |
| 7.2 | ସ୍ଥାନୀୟ ନିକାୟ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାକୁ ଆର୍ଥିକ ସହାୟତା | 32 |
| 7.3 | ନଗଦ ରୋକଡ ଅବଶେଷ ଏବଂ ନଗଦ ରୋକଡ ଅବଶେଷର ନିବେଶ | 32 |
| 7.4 | ହିସାବ ମିଳାମିଳି | 33 |
| 7.5 | କୋଷାଗାର ଦ୍ୱାରା ହିସାବ ଦାଖଲ | 33 |
| 7.6 | ସଂକ୍ଷିପ୍ତ ଅନିୟତ ବିଲ୍ ଏବଂ ବିଶଦ ଅନିୟତ ବିଲ୍ | 33 |
| 7.7 | ଅସଂପୂର୍ଣ୍ଣ କାର୍ଯ୍ୟ ହିସାବ ପଇଠ ପ୍ରତିଶ୍ରୁତି | 34 |
| 7.8 | ସହାୟକ ଅନୁଦାନ ଭାଉଚର ର ବଳକା ବିନିଯୋଗ ପ୍ରମାଣପତ୍ର | 34 |
| 7.9 | ବ୍ୟକ୍ତିଗତ ଜମା ଖାତାକୁ ସ୍ଥାନାନ୍ତରିତ ରାଶି | 34 |
| 7.10 | ଖର୍ଚ୍ଚର ଭିଡ | 35 |

## ସାଧାରଣ ସମୀକ୍ଷା

### 1.1. ଉପକ୍ରମ


ପ୍ରଧାନମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡିଶା, ଓଡିଶା ସରକାରଙ୍କର ପ୍ରାପ୍ତି ଏବଂ ଖର୍ଚ୍ଚ ହିସାବର ସଂକଳନ କରନ୍ତି । ଏହି ସଂକଳନ ଜିଲ୍ଲା / ଉପ / ସ୍ୱତନ୍ତ୍ର କୋଷାଗାର ମାନଙ୍କ ଦ୍ୱାରା ଦାଖଲ ହେଉଥିବା ପ୍ରାଥମିକ ହିସାବ, ସରକାରୀ ପୂର୍ତ୍ତ ଓ ଜଙ୍ଗଲ ବିଭାଜନ ମାନଙ୍କ ଦ୍ୱାରା ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶ ଉପରେ ପର୍ଯ୍ୟବେସିତ । ଏଥି ସହିତ ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ବାର୍ଷିକ ବିତ୍ତ ଲେଖା ଓ ବିନିଯୋଗ ଲେଖା ପ୍ରସ୍ତୁତ କରନ୍ତି ଏବଂ ଏହା ବିଧିବଦ୍ଧ ଭାବେ ମହାଲେଖାକାର (ଜି ଏବଂ ଏସ୍‌.ଏସ୍‌.ଏ), ଓଡିଶା ଙ୍କ ଦ୍ୱାରା ଯାଞ୍ଚ ହେଲା ପରେ ଏବଂ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ସାର୍ଟିଫିକେଟ୍‌ ପ୍ରଦାନ ପରେ ରାଜ୍ୟ ବିଧାନ ସଭାରେ ଆଗତ ହୁଏ ।

### 1.2. ହିସାବର ଡାଞ୍ଚା

### *1.2.1.* ସରକାରୀ ହିସାବ ତିନି ଭାଗରେ ରଖାଯାଏ

| | |
|---|---|
| **ଭାଗ I**<br>**ସଂଗଠିତ ପାଣ୍ଠି** | ରାଜସ୍ୱ ଓ ପୁଞ୍ଜି ଗତ ପ୍ରାପ୍ତି ଓ ଖର୍ଚ୍ଚ, ସରକାରୀ ଋଣ, ଋଣ ଓ ଅଗ୍ରୀମ, ଆନ୍ତଃରାଜ୍ୟ ବୁଝାମଣା ଏବଂ ଆପଦକାଳୀନ ପାଣ୍ଠିରୁ ବିନିଯୋଗ । |
| **ଭାଗ II**<br>**ଆପଦକାଳୀନ ପାଣ୍ଠି** | ଅନପେକ୍ଷିତ ଓ ଜରୁରୀ ଖର୍ଚ୍ଚ ପାଇଁ ଏହି ପାଣ୍ଠି ଉଦ୍ଦିଷ୍ଟ ଏବଂ ଏଥିପାଇଁ ବଜେଟ୍‌ ରେ ବ୍ୟୟ ବରାଦ କରାଯାଇନଥାଏ । ଏହି ପାଣ୍ଠିରୁ ହେଉଥିବା ଖର୍ଚ୍ଚ ସେହିବର୍ଷ କିମ୍ବା ପରବର୍ତ୍ତୀ ଆର୍ଥିକ ବର୍ଷରେ ସଂଗଠିତ ପାଣ୍ଠିରୁ ଭରଣା କରାଯାଏ । |
| **ଭାଗ III**<br>**ସରକାରୀ ହିସାବ** | ସ୍ୱଳ୍ପ ସଞ୍ଚୟ ଏବଂ ଭବିଷ୍ୟନିଧି ପାଣ୍ଠି, ସଂରକ୍ଷିତ ପାଣ୍ଠି, ଜମା ଓ ଅଗ୍ରୀମ, ନିଲମ୍ବନ ହିସାବ ଓ ଟଙ୍କା ପ୍ରେରଣକୁ ନେଇ ହିଁ ସରକାରୀ ହିସାବ । ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି, ସଂରକ୍ଷିତ ପାଣ୍ଠି ଓ ଜମା ରାଜ୍ୟ ସରକାରଙ୍କ ଦେୟ ପରିଶୋଧକୁ ସୁଚାଇ ଥାଏ । ଅଗ୍ରୀମ ସରକାରଙ୍କ ବିଭିନ୍ନ ସୂତ୍ରରୁ ପାଇବାକୁ ଥିବା ଟଙ୍କାକୁ ସୂଚାଇ ଥାଏ । ନିଲମ୍ବନ ହିସାବ ଏବଂ ଟଙ୍କା ପ୍ରେରଣ କାରବାର ଏକ ବ୍ୟବସ୍ଥାପନା ହିସାବ ଯାହାକି ସର୍ବ ଶୀର୍ଷ ହିସାବକୁ ନିଆଯାଇ ସମାପ୍ତ କରାଯାଇଥାଏ । |

## 1.2.2. ହିସାବର ସଙ୍କଳନ



## 1.3. ବିତ୍ତ ଲେଖା ଓ ବିନିଯୋଗ ଲେଖା

### *1.3.1.* ବିତ୍ତ ଲେଖା

ବିତ୍ତ ଲେଖା ବାର୍ଷିକ ଅର୍ଥ ପ୍ରାପ୍ତି ଓ ଖର୍ଚ୍ଚ ହିସାବର ଚିତ୍ର ପ୍ରଦାନ କରିବା ସହ ହିସାବରେ ଦର୍ଶା ଯାଇଥିବା ରାଜସ୍ୱ ଓ ପୁଞ୍ଜି ହିସାବରେ ଆର୍ଥିକ ଫଳାଫଳ, ସରକାରୀ ପରିସଂପତ୍ତି, ଦେୟତା ଓ ଋଣର ହିସାବ ଏବଂ ଯାହାକି ହିସାବର ଅନ୍ତିମ ଅବଶେଷ ଦର୍ଶାଯାଇଥାଏ, ସେ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥାଏ । ବିତ୍ତ ଲେଖାକୁ ଅଧିକ ବ୍ୟାପକ ଶିକ୍ଷାପ୍ରଦ କରିବାପାଇଁ ଦୁଇ ଭାଗରେ ପ୍ରକାଶ କରାଯାଏ । ବିତ୍ତ ଲେଖାର ପ୍ରଥମ ଭାଗରେ ନିମ୍ନଲିଖିତ ବିଷୟରେ ଯଥା ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ସାର୍ଟିଫିକେଟ, ସାମଗ୍ରୀକ ଅର୍ଥ ପ୍ରାପ୍ତି ଏବଂ ଖର୍ଚ୍ଚର ସଂକ୍ଷିପ୍ତ ବିବରଣୀ ଓ ହିସାବର ଟିପଣୀ ଯାହା ଗୁରୁତ୍ୱ ପୂର୍ଣ୍ଣ ହିସାବ ସମ୍ବନ୍ଧରେ ନୀତି ହିସାବରେ ଗୁଣବତ୍ତା ଏବଂ ଅନ୍ୟ ବିଷୟ ଉପରେ ଆଲୋକପାତ କରିଥାଏ । ଦୁଇଭାଗରେ ନିମ୍ନଲିଖିତ ବିଷୟ ଥାଏ ଯଥା, ସଂକ୍ଷିପ୍ତ ବିବରଣୀ (ଭାଗ-1) ବିସ୍ତୃତ ବିବରଣୀ ଏବଂ ପରିଶିଷ୍ଟ (ଭାଗ-2) ।

ବିତ୍ତ ଲେଖା 2016-17 ରେ ଦର୍ଶା ଯାଇଥିବା ଓଡିଶା ସରକାରଙ୍କ ଅର୍ଥ ପ୍ରାପ୍ତି ଓ ଖର୍ଚ୍ଚ ନିମ୍ନରେ ପ୍ରଦତ୍ତ ହେଲା -

(କୋଟି ଟଙ୍କାରେ)

| | | | |
|---|---|---|---|
| ପ୍ରାପ୍ତି<br>ମୋଟ- 8,37,66 | ରାଜସ୍ୱ<br>ମୋଟ- 7,42,99 | ଟିକସ ରାଜସ୍ୱ | 5,11,74 |
| | | ଅଣ ଟକସ ରାଜସ୍ୱ | 80,43 |
| | | ସହାୟକ ଅନୁଦାନ | 1,50,82 |
| | ପୁଞ୍ଜିଗତ<br>ମୋଟ: 94,67 | ଋଣ ଓ ଅଗ୍ରୀମରୁ ଆଦାୟ | 89 |
| | | ଉଧାର ଓ ଅନ୍ୟାନ୍ୟ ଦେୟ* | 93,78 |
| ଖର୍ଚ୍ଚ<br>ମୋଟ: 8,37,66 | ରାଜସ୍ୱ | | 6,50,41 |
| | ପୁଞ୍ଜିଗତ | | 1,84,71 |
| | ଋଣ ଓ ଅଗ୍ରୀମ | | 2,54 |

* ଉଧାର ଓ ଅନ୍ୟାନ୍ୟ ଦେୟ : ସରକାରୀ ଋଣର ନିଟ୍ (ପ୍ରାପ୍ତି-ଖର୍ଚ୍ଚ) କୁ ହିଁ + ଆପତ କାଳୀନ ପାଣ୍ଠିର ନିଟ୍ + ସରକାରୀ ହିସାବର ନିଟ୍ (ପ୍ରାପ୍ତି-ଖର୍ଚ୍ଚ) + ନିଟ୍ (ପ୍ରାରମ୍ଭିକ ଏବଂ ଅନ୍ତିମ) ରୋକଡ ଅବଶେଷ ।

ଏହି ବର୍ଷ ଭାରତ ସରକାର ସିଧା ସଳଖ 11,10 କୋଟି ଟଙ୍କା (ଗତ ବର୍ଷ 2,82 କୋଟି ଟଙ୍କା) ରାଜ୍ୟର ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା / ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରଦାନ କରିଛନ୍ତି । ଯେହେତୁ ଏହି ଟଙ୍କା ରାଜ୍ୟ ବଜେଟ୍ ଜରିଆରେ ପ୍ରଦାନ କରାଯାଇନାହିଁ ତେଣୁ ଏହା ରାଜ୍ୟ ସରକାରଙ୍କ ହିସାବରେ ପ୍ରବର୍ତ୍ତୀତ ହୋଇନାହିଁ । ଏହି ହସ୍ତାନ୍ତର ବିତ୍ତ ଲେଖାର ଦ୍ୱିତୀୟ ଭାଗ ଷଷ୍ଠପରିଶିଷ୍ଟରେ ଦର୍ଶା ଯାଇଅଛି ।

### *1.3.2. ବିନିଯୋଗ ଲେଖା*

ବିନିଯୋଗ ଲେଖା ସଂଗଠିତ ପାଣ୍ଠିରୁ ଖର୍ଚ୍ଚ ହେଉଥିବା ଅର୍ଥ ତଥା ନିର୍ଦ୍ଧେଶିତ ବ୍ୟୟ ଏବଂ ବିଧାନ ସଭାରେ ଭୋଟ ପାଇଁ ଦେଉଥିବା ଅର୍ଥ କାର୍ଯ୍ୟ ସମ୍ପର୍କରେ ଦର୍ଶାଇଥାଏ । ଏହିପରି ମୋଟ ତିନୋଟି ନିର୍ଦ୍ଧେଶିତ ବ୍ୟୟ ବିନିଯୋଗ ଏବଂ ଏକଚାଳିଶଟି ବ୍ୟୟ ଦାବୀ ଯାହା ବିଧାନ ସଭାର ଅନୁମୋଦନ ଲାଭ କରିଥାଏ ସେ ବିଷୟରେ ବିନିଯୋଗ ଲେଖାରେ ଦର୍ଶାଯାଇଥାଏ ।

ବିନିଯୋଗ ଅଧିନିୟମ 2016-17 ମୋଟ ଖର୍ଚ୍ଚ ପାଇଁ 10,44,31 କୋଟି ଟଙ୍କା ଏବଂ ବ୍ୟୟ ହ୍ରାସ (ଅସୁଲ ପାଇଁ) 43,64 କୋଟି ଟଙ୍କା ହେବ ବୋଲି ପରିକଳ୍ପନା କରାଯାଇଥିଲା । କିନ୍ତୁ ବାସ୍ତବରେ ମୋଟ ଖର୍ଚ୍ଚ 8,78,14 କୋଟି ଟଙ୍କା ଏବଂ ବ୍ୟୟ ହ୍ରାସ 10,86 କୋଟି ଟଙ୍କା ହେବା ଦ୍ୱାରା ନିଟ ସଞ୍ଚୟ 1,66,78 କୋଟି ଟଙ୍କା (16 ପ୍ରତିଶତ) ଏବଂ ଅଧିକ ଆକଳନ 32,78 କୋଟି ଟଙ୍କା (75 ପ୍ରତିଶତ) ଖର୍ଚ୍ଚ ହ୍ରାସ ଉପରେ ହୋଇଥିଲା । ଏହି ମୋଟ ଖର୍ଚ୍ଚ ମଧ୍ୟରୁ 73 କୋଟି ଟଙ୍କା, ସଂକ୍ଷିପ୍ତ ଅନିୟତ ବିଲ ମାଧ୍ୟମରେ ବର୍ଷରେ କରାଯାଇଥିଲା । ତଥାପି ବିଗତ ବର୍ଷ ଶେଷ ସୁଦ୍ଧା 80.20 କୋଟି ଟଙ୍କା ଉଠାଣ ବିସ୍ତୃତ ଅନିୟତ ବିଲ୍ ବାକି ରହିଛି ।

2016-17 ରେ ସଂଗଠିତ ପାଣ୍ଠିରୁ 20,33,64 କୋଟି ଟଙ୍କା ସରକାରୀ ହିସାବରେ ଥିବା ବ୍ୟକ୍ତିଗତ ହିସାବକୁ ହସ୍ତାନ୍ତର କରାଯାଇଥିଲା । ଏହି ବ୍ୟକ୍ତିଗତ ଜମା ପ୍ରାଧିକୃତ ପ୍ରଶାସକଙ୍କ ଦ୍ୱାରା ସ୍ୱତନ୍ତ୍ର ଉଦ୍ଦେଶ୍ୟର ଖର୍ଚ୍ଚ ପାଇଁ ପରିଚାଳିତ ହୁଏ । ସାଧାରଣତଃ ବ୍ୟକ୍ତିଗତ ଜମା ହିସାବରେ ରଖା ଯାଇଥିବା ଅର୍ଥ ଯଦି କ୍ରମାଗତ ଭାବେ ସମ୍ପୂର୍ଣ୍ଣ ତିନି ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚ ହୋଇ ନପାରେ ତେବେ ଏହା ସଂଗଠିତ ପାଣ୍ଠିକୁ ଚାଲିଯାଏ ।

## 1.4. ପାଣ୍ଠିର ଉତ୍ସ ଏବଂ ବିନିଯୋଗ

### *1.4.1. ସାଧନୋପାୟ ଅଗ୍ରୀମ*

ଭାରତୀୟ ରିଜର୍ଭ ବ୍ୟାଙ୍କ ରାଜ୍ୟ ସରକାର ମାନଙ୍କୁ ସେମାନଙ୍କ ଦୈନନ୍ଦିନ କାରବାର ପାଇଁ ସାଧନୋପାୟ ଅଗ୍ରୀମ ବ୍ୟବସ୍ଥା କରିଥାନ୍ତି । ଯେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସର୍ବନିମ୍ନ ରୋକଡ ଅବଶେଷ (1.28 କୋଟି ଟଙ୍କା) ରୁ ଊଣା ପଡେ,ସେତେବେଳେ ଅଧିକ ଅର୍ଥ ଉଠାଣ ସୁବିଧା ଯୋଗାଇ ଦିଆଯାଇଥାଏ ।

### *1.4.2. ସମ୍ବଳ ବିନିଯୋଗ ବିବରଣୀ*

ରାଜ୍ୟର ରାଜସ୍ୱ ବଳକା 92,59 କୋଟି ଟଙ୍କା ଏବଂ ଆର୍ଥିକ ନିଅଣ୍ଟ 93,78 କୋଟି ଟଙ୍କା ଥିଲା । ଏହା ମୋଟ ଘରୋଇ ଉତ୍ପାଦର ଯଥାକ୍ରମେ 2.44 ପ୍ରତିଶତ ଏବଂ 2.47 ପ୍ରତିଶତ ଥିଲା । ଆର୍ଥିକ ନିଅଣ୍ଟ ମୋଟ ଖର୍ଚ୍ଚର 11 ପ୍ରତିଶତ । ରାଜସ୍ୱ ପ୍ରାପ୍ତିର (7,42,99 କୋଟି ଟଙ୍କା) ପ୍ରାୟ 35 ପ୍ରତିଶତ ରାଜ୍ୟ ସରକାରଙ୍କର ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ ଯଥା ଦରମା (1,50,35 କୋଟି ଟଙ୍କା) ସୁଧ ଦେୟ (40,35 କୋଟି ଟଙ୍କା) ଏବଂ ପେନ୍‌ସନ୍ (68,43 କୋଟି ଟଙ୍କା) ପାଇଁ ବ୍ୟୟ ହୋଇଥିଲା ।

[1] ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଚିଠି ସଂଖ୍ୟା ନଂ.2460/DES/SID-13/2013 ତା.28.03.2017 ରିଖ ସୁଧା 2016-17 ରେ ସାମଗ୍ରୀକ ଘରୋଇ ଉତ୍ପାଦ 37,89,91 କୋଟି ଟଙ୍କା (ଅଗ୍ରୀମ ଅନୁମାନ) ।


# ପାଣ୍ଠିର ଉତ୍ସ ଏବଂ ବିନିଯୋଗ

(କୋଟି ଟଙ୍କା ରେ)

| | ବିବରଣ | ପରିମାଣ |
|---|---|---|
| ଉତ୍ସ | ତା.01.04.2016 ରିଖରେ ପ୍ରାଥମିକ ରୋକଡ ଅବଶେଷ | 6,67 |
| | ରାଜସ୍ୱ ପ୍ରାପ୍ତି | 7,42,99 |
| | ଋଣ ଓ ଅଗ୍ରୀମ ପରିଶୋଧ | 89 |
| | ସରକାରୀ ଋଣ | 1,12,23 |
| | ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ | 44,24 |
| | ସଂରକ୍ଷଣ ଓ ନିକ୍ଷେପ ପାଣ୍ଠି | 41,41 |
| | ଜମା ସଂଗ୍ରହ | 1,39,94 |
| | ବେସାମରିକ ଅଗ୍ରୀମ ପରିଶୋଧ | 2,17 |
| | ନିଲମ୍ବନ ହିସାବ | 16,79,52 |
| | ଟଙ୍କା ପ୍ରେରଣ | 1,88,29 |
| | ଆପଦ କାଳୀନ ପାଣ୍ଠି | 1,23 |
| | **ମୋଟ** | **29,59,58** |


| | | |
|---|---|---|
| ପ୍ରୟୋଗ | ରାଜସ୍ୱ ଖର୍ଚ୍ଚ | **6,50,41** |
| | ପୁଞ୍ଜିଗତ ଖର୍ଚ୍ଚ | 1,84,71 |
| | ଋଣ ଓ ଅଗ୍ରୀମ ଦେୟ | 2,54 |
| | ସରକାରୀ ଋଣ ପରିଶୋଧ | 29,62 |
| | ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ | 25,67 |
| | ସଂରକ୍ଷଣ ଓ ନିକ୍ଷେପ ପାଣ୍ଠି | 29,96 |
| | ଜମାର ଖର୍ଚ୍ଚ | 1,33,87 |
| | ବେସାମରିକ ଅଗ୍ରୀମ ପ୍ରଦାନ | 2,16 |
| | ନିଲମ୍ବନ ହିସାବ | 17,08,63 |
| | ପ୍ରେରଣ | 1,88,82 |
| | ଆପଦ କାଳୀନ ପାଣ୍ଠି | .. |
| | ତା 31.03.2017 ରିଖ ସୁଦ୍ଧା ଅନ୍ତିମ ରୋକଡ ଅବଶେଷ | 3,19 |
| | **ମୋଟ** | **29,59,58** |

## 1.4.3. ଟଙ୍କା କେଉଁଠୁ ଆସିଲା ?




* ସରକାରୀ ହିସାବ (ନିଟ୍)ରେ ରୋକଡ ଅବଶେଷ ଅନ୍ତର୍ଭୁକ୍ତ।

## *1.4.4. ଟଙ୍କା କୁଆଡେ ଗଲା ?*



## ଲେଖାର

### 1.5. ହିସାବର ମୁଖ୍ୟାଂଶ

| | ବଜେଟ ଅଟକଳ 2016-17 | ବାସ୍ତବ | ବଜେଟ ଅଟକଳ ଅନୁସାରେ ବାସ୍ତବ ଖର୍ଚ୍ଚର ପ୍ରତିଶତ | ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ ବାସ୍ତବ ଖର୍ଚ୍ଚ (ଖ) |
|---|---|---|---|---|
| | (କୋଟି ଟଙ୍କାରେ) | | | |
| 1. ଟିକସ ରାଜସ୍ୱ (କ) | 4,97,68 | 5,11,74 | 103 | 14 |
| 2. ଅଣ ଟିକସ ରାଜସ୍ୱ | 98,23 | 80,43 | 82 | 2 |
| 3. ଅନୁଦାନ ଏବଂ ଅଂଶଦାନ | 1,85,36 | 1,50,82 | 81 | 4 |
| 4. ରାଜସ୍ୱ ପ୍ରାପ୍ତି (1+2+3) | **7,81,27** | **7,42,99** | **95** | **20** |
| 5. ଋଣ ଏବଂ ଅଗ୍ରୀମ ଅସୁଲ | 1,85 | 89 | 48 | 0 |
| 6. ଉଧାର ଏବଂ ଅନ୍ୟାନ୍ୟ ଦେୟ (ଙ) | 1,45,32 | 93,78 | 65 | 2 |
| 7. ପୁଞ୍ଜିଗତ ପ୍ରାପ୍ତି (5+6) | **1,47,17** | **94,67** | 64 | 2 |
| 8. ମୋଟ ପ୍ରାପ୍ତି (4+7) | **9,28,44** | **8,37,66** | **90** | **22** |
| 9. ଅଣ ଯୋଜନା ଖର୍ଚ୍ଚ (ଘ) | **4,68,88** | **3,98,14** | 85 | 11 |
| 10. ରାଜସ୍ୱ ହିସାବରେ ଅଣ ଯୋଜନା ଖର୍ଚ୍ଚ | 4,55,29 | 3,97,10 | 87 | 10 |
| 11. ଅଣ ଯୋଜନା ଖର୍ଚ୍ଚରୁ ସୁଧ ଦେୟ(10) ରୁ | 46,50 | 40,35 | 87 | 1 |
| 12. ପୁଞ୍ଜିଗତ ଖର୍ଚ୍ଚରେ ଅଣ ଯୋଜନା ଖର୍ଚ୍ଚ | 13,59 | 1,04 | 8 | 0 |
| 13. ଯୋଜନା ଖର୍ଚ୍ଚ (ଚ) | **4,59,56** | **4,39,52** | **96** | **12** |
| 14. ରାଜସ୍ୱ ହିସାବରେ ଯୋଜନା ଖର୍ଚ୍ଚ | 2,89,14 | 2,53,31 | 88 | 7 |
| 15. ପୁଞ୍ଜିଗତ ହିସାବରେ ଯୋଜନା ଖର୍ଚ୍ଚ | 1,70,42 | 1,86,21 | 109 | 5 |
| 16. ମୋଟ ଖର୍ଚ୍ଚ (9+13) | **9,28,44** | **8,37,66** | **90** | **22** |
| 17. ରାଜସ୍ୱ ଖର୍ଚ୍ଚ (10+14) | **7,44,43** | **6,50,41** | **87** | **17** |
| 18. ପୁଞ୍ଜିଗତ ଖର୍ଚ୍ଚ (12+15) (ଗ) | **1,84,01** | **1,87,25** | **102** | **5** |
| 19. ବଳକା ରାଜସ୍ୱ (4-17) | **36,84** | **92,58** | **251** | **2** |
| 20. ଆର୍ଥିକ ନିଅଣ୍ଟ (4+5-16) | **(-)1,45,32** | **(-) 93,78** | **(-)65** | **(-)2** |

(କ) କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ 2,83,22 କୋଟି ଟଙ୍କା ଅନ୍ତର୍ଭୁକ୍ତ

(ଖ) ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଚିଠି ସଂଖ୍ୟା -2460/DES/SID-13/2013 ତା.28.03.2017 ରିଖ ସୁଦ୍ଧା 2016-17 ରେ ମୋଟ ଘରୋଇ ଉତ୍ପାଦ 37,89,91 କୋଟି ଟଙ୍କା (ଅଗ୍ରୀମ ଅନୁମାନ)

(ଗ) ପୁଞ୍ଜିଗତ ଖର୍ଚ୍ଚ(1,84,71 କୋଟି ଟଙ୍କା)ଏବଂ ଋଣ ଓ ଅଗ୍ରୀମ ଖର୍ଚ୍ଚ (2,54 କୋଟି ଟଙ୍କା)ପୁଞ୍ଜିଗତ ହିସାବ ଖର୍ଚ୍ଚର ଅନ୍ତର୍ଭୁକ୍ତ ।

(ଘ) ରାଜସ୍ୱ ଖର୍ଚ୍ଚ (3,97,10 କୋଟି ଟଙ୍କା) ପୁଞ୍ଜିଗତ ଖର୍ଚ୍ଚ (13 କୋଟି ଟଙ୍କା) ଏବଂ ଋଣ ଓ ଅଗ୍ରୀମ ବାବଦରେ ପରିଶୋଧ (91 କୋଟି ଟଙ୍କା) ଅଣ ଯୋଜନା ଖର୍ଚ୍ଚରେ ଅନ୍ତର୍ଭୁକ୍ତ ।

(ଙ) ସରକାରୀ ଋଣର ନିଟ୍ (82,62 କୋଟି ଟଙ୍କା), ଆପଦ କାଳୀନ ପାଣ୍ଠିର ନିଟ୍ [1,23 କୋଟି ଟଙ୍କା] ସରକାରୀ ହିସାବର ନିଟ୍ (6,45 କୋଟି ଟଙ୍କା) ଏବଂ ପ୍ରାରମ୍ଭିକ ଓ ଅନ୍ତିମ ଅବଶେଷର ନିଟ୍ [3,48 କୋଟି ଟଙ୍କା)] କରଜ ଏବଂ ଅନ୍ୟାନ୍ୟ ଦେୟରେ ଅନ୍ତର୍ଭୁକ୍ତ ।

(ଚ) ରାଜସ୍ୱ ଖର୍ଚ୍ଚ (2,53,31 କୋଟି ଟଙ୍କା) ପୁଞ୍ଜିଗତ ଖର୍ଚ୍ଚ (1,84,58 କୋଟି ଟଙ୍କା) ଏବଂ ଋଣ ଓ ଅଗ୍ରୀମ ପ୍ରଦାନ ବାବଦରେ ଖର୍ଚ୍ଚ (1,63 କୋଟି ଟଙ୍କା) ଯୋଜନା ଖର୍ଚ୍ଚରେ ଅନ୍ତର୍ଭୁକ୍ତ ।

## 1.6. ନିଅଣ୍ଟ ଏବଂ ବଳକା କହିଲେ କ'ଣ ବୁଝାଯାଏ ?

| | |
|---|---|
| **ନିଅଣ୍ଟ** | ରାଜସ୍ୱ ଓ ଖର୍ଚ୍ଚ ମଧ୍ୟରେ ବ୍ୟବଧାନକୁ ନିଅଣ୍ଟ କୁହାଯାଏ । ନିଅଣ୍ଟର ପ୍ରକାର, ନିଅଣ୍ଟ କିପରି ଭରଣା କରାଯାଏ ଏବଂ ସଠିକ ଆର୍ଥିକ ପରିଚାଳନା ପାଇଁ ପାଣ୍ଠି ବିନିଯୋଗର ମୁଖ୍ୟ ସୁଚକାଙ୍କ । |
| **ରାଜସ୍ୱ ନିଅଣ୍ଟ / ବଳକା** | ରାଜସ୍ୱ ପ୍ରାପ୍ତି ଏବଂ ଖର୍ଚ୍ଚ ମଧ୍ୟରେ ଥିବା ବ୍ୟବଧାନକୁ ରାଜସ୍ୱ ନିଅଣ୍ଟ/ବଳକା କୁହାଯାଏ । ସରକାରୀ ପ୍ରତିଷ୍ଠାନର ଖର୍ଚ୍ଚକୁ ତୁଲାଇବା ପାଇଁ ରାଜସ୍ୱ ଖର୍ଚ୍ଚର ଆବଶ୍ୟକତା ପଡିଥାଏ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ରାଜସ୍ୱ ପ୍ରାପ୍ତିରୁ ଖର୍ଚ୍ଚ ହେବା ବାଞ୍ଛନୀୟ । |
| **ଆର୍ଥିକ ନିଅଣ୍ଟ / ବଳକା** | ସମ୍ପୂର୍ଣ୍ଣ ପ୍ରାପ୍ତି ଏବଂ ସମ୍ପୂର୍ଣ୍ଣ ଖର୍ଚ୍ଚ ମଧ୍ୟରେ ବ୍ୟବଧାନ ହିଁ ଆର୍ଥିକ ନିଅଣ୍ଟ /ବଳକା ଅଟେ । ସୁତରାଂ କେତେ ପର୍ଯ୍ୟନ୍ତ ଉଦ୍ଧାର ଅଣାଯାଇ ଖର୍ଚ୍ଚ ମେଣ୍ଟା ଯାଇପାରିବ ତାହାହିଁ ସୁଚିତ କରିଥାଏ । ଏହି ଋଣ ପୁଞ୍ଜିଗତ ପ୍ରକଳ୍ପରେ ବିନିଯୋଗ ହେବା ବାଞ୍ଛନିୟ । |


ରାଜସ୍ୱ ନିଅଣ୍ଟ / ବଳକା, ଆର୍ଥିକ ନିଅଣ୍ଟ / ବଳକା ସରକାରଙ୍କର ଆର୍ଥିକ ପ୍ରଦର୍ଶନର ମାପକାଠି ଅଟେ । ଦ୍ୱାଦଶ ଅର୍ଥ କମିଶନଙ୍କର ସୁପାରିଶ କ୍ରମେ ଓଡିଶା ସରକାର ଆର୍ଥିକ ଦାୟିତ୍ୱବୋଧ ଏବଂ ବଜେଟ୍ ପରିଚାଳନା (FRBM) ଅଧିନିୟମ, 2005 ପ୍ରଣୟନ କରିଛନ୍ତି ।

ଏହି ଅଧିନିୟମ ଅନୁସାରେ ରାଜ୍ୟ ସରକାରଙ୍କର ଦାଇତ୍ୱ ହେଉଛି ଯେ ପର୍ଯ୍ୟାୟ କ୍ରମେ ରାଜସ୍ୱ ନିଅଣ୍ଟକୁ ବିଲୋପ କରି ଏବଂ ଆର୍ଥିକ ସ୍ଥିତାବସ୍ଥା ସହ ଋଣଭାରକୁ ପୋଷଣୀୟ ସ୍ତରରେ ପହଞ୍ଚାଇ ଆର୍ଥିକ ପରିଚାଳନା ଏବଂ ଆର୍ଥିକ ସ୍ଥିତାବସ୍ଥାକୁ ସୂଚାରୁ ରୂପେ ବଜାୟ ରଖିବା।


ରାଜ୍ୟ ସରକାର ବିତ୍ତୀୟ ଉତ୍ତରଦାୟୀ ବୋଧ ଓ ବଜେଟ୍ ପରିଚାଳନା (ସଂଶୋଧିତ) ଅଧିନିୟମ 2005 କୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2016 ରେ ସଂଶୋଧିତ କରିଛନ୍ତି । ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା (ସଂଶୋଧିତ) ଅଧିନିୟମ, 2016 ଅନୁସାରେ ରାଜ୍ୟ ଗୁଡ଼ିକ ରାଜସ୍ୱ ବଳକା ସୃଷ୍ଟି କରିବାକୁ, ରାଜସ୍ୱ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦର ତିନି ପ୍ରତିଶତରେ ସିମିତ ରଖିବା ପାଇଁ, ଋଣ/ମୋଟ ସାମଗ୍ରୀକ ଘରୋଇ ଉତ୍ପାଦ ଅନୁପାତ ଅର୍ଥ କମିଶନ ସୁପାରିଶ କରିଥିବା ସ୍ତରରେ ରଖିବାକୁ ଏବଂ ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମକୁ କାର୍ଯ୍ୟକାରୀ କରିବାପାଇଁ ପର୍ଯ୍ୟାଲୋଚନାଶୀଳ ବ୍ୟବସ୍ଥା ରଖିବାକୁ ବାଧ୍ୟ ଅଟନ୍ତି । 2016-17 ରେ ବିତ୍ତୀୟ ନିଅଣ୍ଟ ମୋଟ ଘରୋଇ ଉତ୍ପାଦର 2.47 ପ୍ରତିଶତ ଅଟେ ।

ରାଜ୍ୟ ସରକାର 2005-06 ଆର୍ଥିକ ବର୍ଷ ଠାରୁ ରାଜସ୍ୱ ବଳକା ବିକାଶର ସଫଳତା ହାସଲ କରିଛନ୍ତି ଏବଂ ଏହା 2009-10 ଆର୍ଥିକ ବର୍ଷ ଠାରୁ ନିରନ୍ତର ଭାବେ ବଢି ଚାଲିଛି (2013-14 ଏବଂ 2016-17 ବ୍ୟତୀତ)। ବିଗତ ବର୍ଷରେ ବିତ୍ତୀୟ ନିଅଣ୍ଟ 70,64 କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହାର ପରିମାଣ 93,78 କୋଟି ଟଙ୍କା ଅଟେ ।

## 1.6.1. ରାଜସ୍ୱ ବଳକାର ଧାରା




## 1.6.2. ଆର୍ଥିକ ନିଅଣ୍ଟର ଧାରା




### 1.6.3.ଉଧାର ପାଣ୍ଠିରେ ପୁଞ୍ଜିଗତ ଖର୍ଚ୍ଚର ଅନୁପାତ

କରଜ ପାଣ୍ଠିକୁ ସମ୍ପୂର୍ଣ୍ଣ ଭାବେ ପୁଞ୍ଜିଗତ ସମ୍ପତ୍ତି ନିର୍ମାଣରେ ବ୍ୟବହାର କରିବା ବାଞ୍ଛନୀୟ ଏବଂ ରାଜସ୍ୱ ପ୍ରାପ୍ତି ମୂଳ ଓ ସୁଧ ପରିଶୋଧରେ ବ୍ୟବହାର କରାଯିବା ଉଚିତ । ଯେହେତୁ ରାଜ୍ୟ ସରକାର 2005-06 ଠାରୁ 2016-17 ପର୍ଯ୍ୟନ୍ତ ରାଜସ୍ୱ ବଳକା ହାସଲ କରିଛନ୍ତି, ଏହା ଜଣା ପଡୁଛି ଯେ କରଜ ରେ ଅଣାଯାଇଥିବା ଟଙ୍କା ପୁଞ୍ଜି ସମ୍ପତ୍ତି ନିର୍ମାଣରେ ବ୍ୟବହୃତ ହେଉଛି । ବିବରଣୀ ନିମ୍ନରେ ଦର୍ଶାଗଲା :

(କୋଟି ଟଙ୍କାରେ)

| | କରଜ ପାଣ୍ଠି | ପୁଞ୍ଜିଗତ ଖର୍ଚ୍ଚ |
|---|---|---|
| **2012-13** | 18,79 | 56,22 |
| **2013-14** | 22,90 | 77,56 |
| **2014-15** | 76,46 | 1,10,75 |
| **2015-16** | 70,65 | 1,70,91 |
| **2016-17** | 93,78 | 1,84,71 |



अ

ଅଧ୍ୟାୟ-II

# ପ୍ରାପ୍ତି


## 2.1. ଉପକ୍ରମ

ସରକାରଙ୍କ ପ୍ରାପ୍ତି ଦୁଇ ଭାଗରେ ବିଭକ୍ତ ଯଥା ରାଜସ୍ୱ ପ୍ରାପ୍ତି ଓ ପୁଞ୍ଜିଗତ ପ୍ରାପ୍ତି । 2016-17 ରେ ଓଡିଶା ସରକାରଙ୍କ ମୋଟ ପ୍ରାପ୍ତି 8,37,66 କୋଟି ଟଙ୍କା ଥିଲା ।

## 2.2. ରାଜସ୍ୱ ପ୍ରାପ୍ତି

| | |
|---|---|
| ଟିକସ ରାଜସ୍ୱ | ରାଜ୍ୟସରକାରଙ୍କ ଦ୍ୱାରା ସଂଗ୍ରହ କରି ରଖାଯାଉଥିବା ଟିକସ ଏବଂ ସମ୍ବିଧାନର 280 (3) ଧାରା ଅନୁସାରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ପାଉଥିବା ଅଂଶ ହିଁ ଟିକସ ରାଜସ୍ୱ ଅଟେ । |
| ଅଣ ଟିକସ ରାଜସ୍ୱ | ରାଜ୍ୟ ସରକାର ଦେଉଥିବା ଋଣରୁ ମିଳୁଥିବା ସୁଧ ବିଭିନ୍ନ ନିଗମରେ ଖଟାଇଥିବା ଲାଭାଂଶ, ଲାଭ ଇତ୍ୟାଦି ଅଣ ଟିକସ ରାଜସ୍ୱ ଅଟେ । |
| ସହାୟକ ଅନୁଦାନ | କେନ୍ଦ୍ର ସରକାରଙ୍କ ଠାରୁ ମିଳୁଥିବା କେନ୍ଦ୍ରୀୟ ସହାୟତା, ବହିଃ ଅନୁଦାନ ସହାୟତା, ଯାହା ବିଦେଶ ସରକାରଙ୍କ ଠାରୁ ମିଳୁଥିବା ସାହାଯ୍ୟ ଉପକରଣ ଓ ଯନ୍ତ୍ରପାତି ଏବଂ ଭାରତ ସରକାରଙ୍କ ଜରିଆରେ ହସ୍ତାନ୍ତରୀତ ହୋଇଥାଏ, ଯାହାକି ସହାୟକ ଅନୁଦାନ ଅଟେ । ଏହା ପ୍ରତି ବଦଳରେ ରାଜ୍ୟ ସରକାର ପଞ୍ଚାୟତି ରାଜ ଅନୁଷ୍ଠାନ ମାନଙ୍କୁ, ସ୍ୱୟଂ ଶାସିତ ସଂସ୍ଥା ଇତ୍ୟାଦିଙ୍କୁ ଅନୁଦାନ ପ୍ରଦାନ କରିଥାନ୍ତି । |

### ରାଜସ୍ୱ ପ୍ରାପ୍ତି




## ରାଜସ୍ୱ ପ୍ରାପ୍ତିର ଉପାଦାନ

| ଉପାଦାନ | ବାସ୍ତବ (କୋଟି ଟଙ୍କାରେ) | ମୋଟ ରାଜସ୍ୱର ପ୍ରତିଶତ |
|---|---|---|
| କ. ଟିକସ ରାଜସ୍ୱ | **5,11,74** | **69** |
| ଆୟ ଓ ବ୍ୟୟ ଉପରେ ଟିକସ | 1,55,58 | 21 |
| ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ | 18,44 | 3 |
| ଦ୍ରବ୍ୟ ଏବଂ ସେବା ଉପରେ ଟିକସ | 3,37,72 | 45 |
| ଖ. ଅଣ ଟିକସ ରାଜସ୍ୱ | **80,43** | **11** |
| ସୁଧ ପ୍ରାପ୍ତି, ବିଭିନ୍ନ ସରକାରୀ ନିଗମରୁ ମିଳୁଥିବା ଲାଭାଂଶ ଏବଂ ଲାଭ | 9,93 | 1 |
| ସାଧାରଣ ସେବା | 5,70 | 1 |
| ସାମାଜିକ ସେବା | 2,09 | … |
| ଅର୍ଥନୈତିକ ସେବା | 62,71 | 8 |
| ଗ. ସହାୟକ ଅନୁଦାନ ଏବଂ ଅଂଶଦାନ | **1,50,82** | **20** |
| ମୋଟ-ରାଜସ୍ୱ ପ୍ରାପ୍ତି | **7,42,99** | **100** |

## 2.3. ପ୍ରାପ୍ତିର ଧାରା

(କୋଟି ଟଙ୍କାରେ)

| | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ଟିକସ ରାଜସ୍ୱ | 2,89,99 | 3,21,39 | 3,60,10 | 4,61,01 | 5,11,74 |
| ଅଣ ଟିକସ ରାଜସ୍ୱ | 80,78 | 83,79 | 80,71 | 87,11 | 80,43 |
| ସହାୟକ ଅନୁଦାନ | 68,60 | 84,29 | 1,29,17 | 1,41,29 | 1,50,82 |
| ମୋଟ-ରାଜସ୍ୱ ପ୍ରାପ୍ତି | 4,39,37 | 4,89,47 | 5,69,98 | 6,89,41 | 7,42,99 |
| ରାଜ୍ୟ ମୋଟ ସାମଗ୍ରୀକ ଘରୋଇ ଉତ୍ପାଦ | 25,82,75 (ସଂଶୋଧିତ ଅଟକଳ) | 29,17,09 (ସଂଶୋଧିତ ଅଟକଳ) | 32,19,71 (ସଂଶୋଧିତ ଅଟକଳ) | 34,18,87 (ସଂଶୋଧିତ ଅଟକଳ) | 37,89,91 (ଅଗ୍ରୀମ ଅଟକଳ) |





2015-16 ଏବଂ 2016-17 ମଧ୍ୟରେ ମୋଟ ଘରୋଇ ଉତ୍ପାଦ 11 ପ୍ରତିଶତ ବୃଦ୍ଧି ହୋଇଥିବା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି 8 ପ୍ରତିଶତ ଥିଲା। ଟିକସ ରାଜସ୍ୱ 11 ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ଅଣ ଟିକସ ରାଜସ୍ୱ ହ୍ରାସ ପରିମାଣ 8 ପ୍ରତିଶତ ଥିଲା । ରାଜସ୍ୱ ପାଇଁ ମୁଖ୍ୟ ଅର୍ଥ ବିକ୍ରି କରରୁ 1,34,02 କୋଟି ଟଙ୍କା (ସାମଗ୍ରୀକ ଘରୋଇ ଉତ୍ପାଦର 3.53 ପ୍ରତିଶତ) ଏବଂ ନିଗମ ଟିକସରୁ 90,72 କୋଟି ଟଙ୍କା (ମୋଟ ଘରୋଇ ଉତ୍ପାଦର 2.39 ପ୍ରତିଶତ) ଥିଲା ।

## କ୍ଷେତ୍ର ଭିତ୍ତିକ ଟିକସ ରାଜସ୍ୱ

(କୋଟି ଟଙ୍କାରେ)

| | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| i) ଆୟ ଓ ବ୍ୟୟ ଉପରେ ଟିକସ | 81,55 | 86,54 | 98,55 | 1,27,25 | 1,55,58 |
| ii) ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ | 9,74 | 10,51 | 14,61 | 27,48 | 18,44 |
| iii) ଦ୍ରବ୍ୟ ଏବଂ ସେବା ଉପରେ ଟିକସ | 1,98,70 | 2,24,34 | 2,46,94 | 3,06,28 | 3,37,72 |
| ମୋଟ-ଟିକସ ରାଜସ୍ୱ | 2,89,99 | 3,21,39 | 3,60,10 | 4,61,01 | 5,11,74 |




## 2.4. ରାଜ୍ୟର ନିଜ ଟିକସ ସଂଗ୍ରହର ଫଳାଫଳ

(କୋଟି ଟଙ୍କାରେ)

| ବର୍ଷ | ଟିକସ ରାଜସ୍ୱ | କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ | ରାଜ୍ୟର ନିଜ ଟିକସ ରାଜସ୍ୱ | ଘରୋଇ ଉତ୍ପାଦର ପ୍ରତିଶତ |
|---|---|---|---|---|
| **2012-13** | 2,89,99 | 1,39,65 | 1,50,34 | 5.81 |
| **2013-14** | 3,21,39 | 1,52,47 | 1,68,92 | 6.19 |
| **2014-15** | 3,60,10 | 1,61,81 | 1,98,29 | 6.38 |
| **2015-16** | 4,61,01 | 2,35,74 | 2,25,27 | 6.78 |
| **2016-17** | 5,11,74 | 2,83,22 | 2,28,52 | 6.03 |

## 2.5. ଟିକସ ସଂଗ୍ରହର ଦକ୍ଷତା

### *କ. ସମ୍ପତ୍ତି ଓ ପୁଞ୍ଜିଗତ କାରବାରରେ ଟିକସ*

(କୋଟି ଟଙ୍କାରେ)

| | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ରାଜସ୍ୱ ସଂଗ୍ରହ | 9,74 | 10,51 | 14,61 | 27,48 | 18,44 |
| ସଂଗ୍ରହରେ ଖର୍ଚ୍ଚ | 3,26 | 4,34 | 4,37 | 4,37 | 4,63 |
| ଟିକସ ସଂଗ୍ରହରେ ଦକ୍ଷତାର ପ୍ରତିଶତ | 33.47 | 41.29 | 29.91 | 15.90 | 25.11 |

ବିଗତ ବର୍ଷ ତୁଳନାରେ ସମ୍ପତ୍ତି ଏବଂ ପୁଞ୍ଜିଗତ କାରବାର ଉପରେ ଟିକସ ସଂଗ୍ରହରେ 33 ପ୍ରତିଶତ ହ୍ରାସ ପାଇଛି ଏବଂ ଟିକସ ସଂଗ୍ରହରେ ଦକ୍ଷତା 9.21 ପ୍ରତିଶତ ବୃଦ୍ଧି ପାଇଛି ।

### *ଖ. ଦ୍ରବ୍ୟ ଓ ସେବା ଉପରେ ଟିକସ*

(କୋଟି ଟଙ୍କାରେ)


| | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ରାଜସ୍ୱ ସଂଗ୍ରହ | 1,98,70 | 2,24,34 | 2,46,94 | 3,06,28 | 3,37,72 |
| ସଂଗ୍ରହରେ ଖର୍ଚ୍ଚ | 1,49 | 1,61 | 1,84 | 2,09 | 2,57 |
| ଟିକସ ସଂଗ୍ରହ ଦକ୍ଷତାର ପ୍ରତିଶତ | 0.75 | 0.72 | 0.75 | 0.68 | 0.76 |

ଦ୍ରବ୍ୟ ଓ ସେବା ଉପରେ ଟିକସ ରାଜସ୍ୱର ଏକ ପ୍ରମୁଖ ଅଂଶ ଅଟେ । ଟିକସ ସଂଗ୍ରହରେ ଦକ୍ଷତା ବିଗତ ବର୍ଷ (2015-16) ତୁଳନାରେ ସାମାନ୍ୟ ବୃଦ୍ଧି ପାଇଛି ।

## 2.6 ବିଗତ 5 ବର୍ଷରେ ରାଜ୍ୟର କେନ୍ଦ୍ରୀୟ ଟିକସ ବାବଦରେ ଅଂଶର ଧାରା ।

( କୋଟି ଟଙ୍କାରେ)

| ମୁଖ୍ୟ ଶୀର୍ଷ ବର୍ଣ୍ଣନା | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ନିଗମ ଟିକସ | 50,16 | 51,28 | 56,50 | 74,09 | 90,72 |
| ନିଗମ ଟିକସ ବ୍ୟତିତ ଆୟ୍ ଉପରେ ଆଦାୟ୍ ହେଉଥିବା ଟିକସ | 30,03 | 33,76 | 40,35 | 51,41 | 63,05 |
| ସମ୍ପତ୍ତି ଟିକସ | 8 | 14 | 15 | 2 | 21 |
| ବହିଃ ଶୁଳ୍କ | 23,21 | 24,88 | 26,17 | 37,71 | 39,03 |
| କେନ୍ଦ୍ରୀୟ୍ ଅବକାରୀ ଟିକସ | 15,77 | 17,57 | 14,78 | 31,47 | 44,56 |
| ସେବା କର | 20,40 | 24,84 | 23,86 | 40,86 | 45,64 |
| ଦ୍ରବ୍ୟ ଓ ସେବା ଉପରେ ଅନ୍ୟାନ୍ୟ ଟିକସ | - | - | | 18 | - |
| ମୋଟ-କେନ୍ଦ୍ରୀୟ୍ ଟିକସରେ ରାଜ୍ୟର ଅଂଶ | 1,39,65 | 1,52,47 | 1,61,81 | 2,35,74 | 2,83,21 |
| ମୋଟ-ଟିକସ ରାଜସ୍ୱ | 2,89,99 | 3,21,39 | 3,60,10 | 4,61,01 | 5,11,74 |
| ମୋଟ ଟିକସ ରାଜସ୍ୱରେ କେନ୍ଦ୍ରୀୟ୍ ଟିକସର ପ୍ରତିଶତ | 48 | 47 | 45 | 51 | 55 |





## 2.7 ସହାୟକ ଅନୁଦାନ

ଭାରତ ସରକାରଙ୍କଠାରୁ ମିଳୁଥିବା ଆର୍ଥିକ ସହାୟତା, ଯୋଜନା ଆୟୋଗଙ୍କ ମଞ୍ଜୁରୀ କ୍ରମେ ରାଜ୍ୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ମିଳୁଥିବା ଅନୁଦାନ ଏବଂ ଅର୍ଥ କମିଶନଙ୍କର ଅନୁମୋଦନ କ୍ରମେ ରାଜ୍ୟର ଅଣ ଯୋଜନା ପାଇଁ ମିଳୁଥିବା ଅନୁଦାନ ହିଁ ରାଜ୍ୟ ସରକାରଙ୍କୁ ମିଳୁଥିବା ଅନୁଦାନର ଅଂଶ ବିଶେଷ ଅଟେ । 1,50,82 କୋଟି ଟଙ୍କା ସହାୟକ ଅନୁଦାନ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାପ୍ତ ହୋଇଥିଲା । ଏହାର ତଥ୍ୟ ନିମ୍ନରେ ପ୍ରଦତ୍ତ:-

(କୋଟି ଟଙ୍କାରେ)

| ବର୍ଷ | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା | ମୋଟ |
|---|---|---|---|---|
| 2012-13 | 15,05 | 34,84 | 18,71 | 68,60 |
| 2013-14 | 27,29 | 34,29 | 22,71 | 84,29 |
| 2014-15 | 19,29 | 1,08,86 | 1,02 | 1,29,17 |
| 2015-16 | 30,63 | 1,07,73 | 2,93 | 1,41,29 |
| 2016-17 | 32,48 | 1,17,69 | 65 | 1,50,82 |




ବିଗତ ବର୍ଷରେ ମୋଟ ସହାୟକ ଅନୁଦାନର ଅଂଶ ଭାବେ ଅଣ ଯୋଜନା ଅନୁଦାନ 21.68 ପ୍ରତିଶତ ଥିବା ବେଳେ 2016-17 ରେ ଏହା 21.54 ପ୍ରତିଶତ ଅଟେ । 1,85,36 କୋଟି ଟଙ୍କା ବଜେଟ୍ ଅଟକଳ ଅନୁସାରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ କେନ୍ଦ୍ର ଅଂଶ ବିପକ୍ଷରେ ରାଜ୍ୟ ସରକାର 65 କୋଟି ଟଙ୍କା ସହାୟକ ଅନୁଦାନ ପାଇଥିଲେ (ବଜେଟ ଅଟକଳର 0.35 ପ୍ରତିଶତ) ।


## 2.8. ସରକାରୀ ଋଣ

31 ମାର୍ଚ୍ଚ 2017 ସୁଦ୍ଧା ରାଜ୍ୟ ସରକାରଙ୍କର **ଋଣ** ବୋଝ 4,20,18 କୋଟି ଟଙ୍କା ଥିଲା, ଏଥି ମଧ୍ୟରୁ ଆଭ୍ୟନ୍ତରୀଣ **ଋଣ** ଏବଂ ଭାରତ ସରକାରଙ୍କ ଠାରୁ ଅଣାଯାଇଥିବା **ଋଣ** ଓ ଅଗ୍ରୀମ ଯଥାକ୍ରମେ 3,45,53 କୋଟି ଟଙ୍କା ଏବଂ 74,65 କୋଟି ଟଙ୍କା ଥିଲା ।

*ବିଗତ 5 ବର୍ଷରେ ସରକାରୀ ଋଣର ଧାରା*

(କୋଟି ଟଙ୍କାରେ)

| ବର୍ଣ୍ଣନା | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ଆଭ୍ୟନ୍ତରୀଣ ଋଣ | 1,61,08 | 1,60,73 | 1,97,28 | 2,65,25 | 3,45,53 |
| କେନ୍ଦ୍ରୀୟ ଋଣ | 72,09 | 72,41 | 71,21 | 72,32 | 74,65 |
| ମୋଟ-ସରକାରୀ ଋଣ | 2,33,17 | 2,33,14 | 2,68,49 | 3,37,57 | 4,20,18 |




## ବିଗତ 5 ବର୍ଷରେ ସରକାରୀ ଋଣରେ ମୋଟ ପ୍ରଭାବ

(କୋଟି ଟଙ୍କାରେ)

| ବର୍ଣ୍ଣନା | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ଆଭ୍ୟନ୍ତରୀଣ ଋଣ | (-) 12,30 | (-) 36 | 36,55 | 67,97 | 80,29 |
| କେନ୍ଦ୍ରୀୟ ଋଣ | (-) 70 | 33 | (-) 1,21 | 1,12 | 2,33 |
| ମୋଟ-ସରକାରୀ ଋଣ | (-) 13,00 | (-)3 | 35,34 | 69,08 | 82,62 |

ବି.ଦ୍ର : ବିଯୁକ୍ତ ସଂଖ୍ୟା ପ୍ରାପ୍ତି ତୁଳନାରେ ଅଧିକ ପରିଶୋଧକୁ ସୁଚାଉଛି ।

অধ্যায় -III

# ଖର୍ଚ୍ଚ

## 3.1. ଉପକ୍ରମ

ଖର୍ଚ୍ଚ ଦୁଇ ଭାଗରେ ବିଭକ୍ତ ଯଥା ରାଜସ୍ୱ ଖର୍ଚ୍ଚ ଏବଂ ପୁଞ୍ଜିଗତ ଖର୍ଚ୍ଚ । ରାଜସ୍ୱ ଖର୍ଚ୍ଚ ସଂସ୍ଥାର ଦୈନନ୍ଦୀନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଥିବାବେଳେ ପୁଞ୍ଜିଗତ ବ୍ୟୟ ସ୍ଥାୟୀ ସମ୍ପତ୍ତି ନିର୍ମାଣ କିମ୍ବା ସ୍ଥାୟୀ ସମ୍ପତ୍ତି ବ୍ୟବହାରର ବୃଦ୍ଧି କିମ୍ବା ସ୍ଥାୟୀ ବୋଝ ହ୍ରାସ ପାଇଁ ଉଦ୍ଦିଷ୍ଟ ଅଟେ । ପୁନଶ୍ଚ ଖର୍ଚ୍ଚ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା ଯୋଜନା ଓ ଅଣ ଯୋଜନା ।

| | |
|---|---|
| ସାଧାରଣ ସେବା | ନ୍ୟାୟ, ପୋଲିସ, ଜେଲ, ପୂର୍ତ୍ତ, ପେନ୍‌ସନ୍ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ । |
| ସାମାଜିକ ସେବା | ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ । |
| ଅର୍ଥ ନୈତିକ ସେବା | କୃଷି ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ୍, ସମବାୟ, ଶକ୍ତି, ଶିଳ୍ପ, ପରିବହନ ଇତ୍ୟାଦି ଏହି ସେବାର ଅନ୍ତର୍ଭୁକ୍ତ ଅଟେ । |

## 3.2. ରାଜସ୍ୱ ଖର୍ଚ୍ଚ

ରାଜସ୍ୱ ଖର୍ଚ୍ଚ ବାସ୍ତବରେ 6,50,41 କୋଟି ଟଙ୍କା ଥିଲା ଏହା ବଜେଟ ଅଟକଳ ତୁଳନାରେ 94,02 କୋଟି ଟଙ୍କା ନିଅଣ୍ଟ ଥିଲା ।  ଅଣ ଯୋଜନା ଖର୍ଚ୍ଚରେ 58,19 କୋଟି ଟଙ୍କା ଏବଂ ଯୋଜନା ଖର୍ଚ୍ଚରେ 35,83 କୋଟି ଟଙ୍କା କମ୍ ଖର୍ଚ୍ଚ ହେବାରୁ ଏହିପରି ହୋଇଥିଲା ।

ବିଗତ 5 ବର୍ଷରେ ରାଜସ୍ୱ କ୍ଷେତ୍ରରେ ବଜେଟ୍ ଅଟକଳ ତୁଳନାରେ ନିଅଣ୍ଟ ବ୍ୟୟର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା  :

(କୋଟି ଟଙ୍କାରେ)

| | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ବଜେଟ୍ ଅଟକଳ | 4,14,32 | 4,93,94 | 6,28,82 | 6,58,39 | 7,44,43 |
| ବାସ୍ତବ | 3,82,38 | 4,56,18 | 5,11,36 | 5,88,06 | 6,50,41 |
| ବ୍ୟବଧାନ | 31,94 | 37,76 | 1,17,46 | 70,33 | 94,02 |
| ବଜେଟ୍ ଅଟକଳ ପ୍ରତିଶତ ହିସାବରେ ବ୍ୟବଧାନ | 8 | 8 | 19 | 11 | 13 |

### 3.2.1 ରାଜସ୍ୱ ଖର୍ଚ୍ଚର କ୍ଷେତ୍ରୀୟ ବିଭକ୍ତି କରଣ

(କୋଟି ଟଙ୍କାରେ)

| ଉପାଦାନ | ପରିମାଣ | ପ୍ରତିଶତ |
|---|---|---|
| କ. ଆର୍ଥିକ ସେବା | 7,25 | 1 |
| i) ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ ସଂଗ୍ରହ | 4,63 | .. |
| ii) ଦ୍ରବ୍ୟ ଓ ସେବା ଉପରେ ଟିକସ ଆଦାୟ | 2,58 | .. |
| iii) ଅନ୍ୟାନ୍ୟ ଆର୍ଥିକ ସେବା | 4 | .. |
| ଖ. ରାଜ୍ୟର ଅଙ୍ଗ | 5,48 | 1 |
| ଗ. ସୁଧ ଦେୟ ଏବଂ ଋଣ ପରିଶୋଧ | 40,35 | 6 |
| ଘ. ପ୍ରଶାସନିକ ସେବା | 45,44 | 7 |
| ଙ. ପେନ୍‌ସନ୍ ଏବଂ ବିବିଧ ସାଧାରଣ ସେବା | 68,63 | 11 |
| ଚ. ସାମାଜିକ ସେବା | 2,76,00 | 42 |
| ଛ. ଅର୍ଥନୈତିକ ସେବା | 1,97,14 | 30 |
| ଜ. ସହାୟକ ଅନୁଦାନ ଏବଂ ଅଂଶଦାନ | 10,12 | 2 |
| ମୋଟ-ଖର୍ଚ୍ଚ ରାଜସ୍ୱ ହିସାବ | 6,50,41 | 100 |


### 3.2.2 ରାଜସ୍ୱ ଖର୍ଚ୍ଚର ମୁଖ୍ୟ ଉପାଦାନ (2012-2017)

ରାଜସ୍ୱ ଖର୍ଚ୍ଚର ମୁଖ୍ୟ ଉପାଦାନ (2012-2017)

(କୋଟି ଟଙ୍କାରେ)

| ବର୍ଷ | ସାଧାରଣ ସେବା | ସାମାଜିକ ସେବା | ଅର୍ଥନୈତିକ ସେବା | ଅନୁଦାନ | ମୋଟ ରାଜସ୍ୱ ଖର୍ଚ୍ଚ | ଋଣ ପରିଶୋଧ |
|---|---|---|---|---|---|---|
| 2012-13 | 1,24,23 | 1,49,77 | 1,01,96 | 6,41 | 3,82,37 | 33,07 |
| 2013-14 | 1,36,89 | 1,87,22 | 1,23,15 | 8,92 | 4,56,18 | 28,88 |
| 2014-15 | 1,45,29 | 2,09,64 | 1,48,26 | 8,17 | 5,11,36 | 28,10 |
| 2015-16 | 1,50,59 | 2,46,43 | 1,81,88 | 9,16 | 5,88,06 | 33,43 |
| 2016-17 | 1,67,15 | 2,76,00 | 1,97,14 | 10,12 | 6,50,41 | 40,35 |

* ସାଧାରଣ ସେବାରେ ମୁଖ୍ୟ ଶୀର୍ଷ 2048 (ଋଣ ହ୍ରାସ ଓ ପରିହାର ନିମିତ୍ତ ବିନିଯୋଗ) ଏବଂ 2049 (ସୁଧ ଦେୟ ) ଅନ୍ତର୍ଭୁକ୍ତ ।




## 3.3. ପୁଞ୍ଜିଗତ ଖର୍ଚ୍ଚ

ପୁଞ୍ଜିଗତ ଖର୍ଚ୍ଚ ମୋଟ ଘରୋଇ ଉତ୍ପାଦର 5 ପ୍ରତିଶତ ଥିଲା । ଏହା ବଜେଟ୍ ଅଟକଳ ଠାରୁ 3,24 କୋଟି ଟଙ୍କା ଅଧିକ ଥିଲା (ଯୋଜନାରେ 15,79 କୋଟି ଟଙ୍କା ଅଧିକ ଖର୍ଚ୍ଚ ଏବଂ ଅଣ ଯୋଜନାରେ 12,55 କୋଟି ଟଙ୍କା କମ୍ ଖର୍ଚ୍ଚ) ।

### *3.3.1. ପୁଞ୍ଜିଗତ ଖର୍ଚ୍ଚର କ୍ଷେତ୍ରୀୟ ଭିତ୍ତିକ ବଣ୍ଟନ*

2016-17 ରେ ସରକାର 47,91 କୋଟି ଟଙ୍କା ବିଭିନ୍ନ ଜଳ ସେଚନ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିଥିଲେ (16,50 କୋଟି ଟଙ୍କା ମୁଖ୍ୟ ଜଳ ସେଚନ ପ୍ରକଳ୍ପ, 12,65 କୋଟି ଟଙ୍କା ମଧ୍ୟମ ଜଳ ସେଚନ ପ୍ରକଳ୍ପ ଏବଂ 18,76 କୋଟି ଟଙ୍କା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ) ଏବଂ 8 କୋଟି ଟଙ୍କା ବନ୍ଦର ଏବଂ ବତୀଘର ଉପରେ ଖର୍ଚ୍ଚ କରାଯାଇଥିଲା । ଏତଦବ୍ୟତୀତ ସରକାର ବିଭିନ୍ନ ନିଗମ / କମ୍ପାନୀ ଏବଂ ସମିତିରେ 5,42 କୋଟି ଟଙ୍କା ଅଂଶ ପୁଞ୍ଜି ନିବେଶ କରିଥିଲେ ।

(କୋଟି ଟଙ୍କାରେ)


| କ୍ରମିକ.ନଂ | କ୍ଷେତ୍ର | ପରିମାଣ | ପ୍ରତିଶତ |
|---|---|---|---|
| 1. | ସାଧାରଣ ସେବା, ପୋଲିସ, ସରକାରୀ ପୂର୍ତ୍ତ ଇତ୍ୟାଦି | 3,74 | 2 |
| 2. | ସାମାଜିକ ସେବା-ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳ ଯୋଗାଣ, ଅନୁସୂଚୀତ ଜାତି ଓ ଜନଜାତି ଇତ୍ୟାଦିଙ୍କ କଲ୍ୟାଣ ଏବଂ ଅନ୍ୟାନ୍ୟ | 30,01 | 16 |
| 3. | ଅର୍ଥନୈତିକ ସେବା-କୃଷି, ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି, ଶିଳ୍ପ, ପରିବହନ ଇତ୍ୟାଦି | 1,50,96 | 81 |
| 4. | ଋଣ ଓ ଅଗ୍ରୀମ ବାବଦରେ ଖର୍ଚ୍ଚ | 2,54 | 1 |
| ମୋଟ | | **1,87,25** | **100** |

## 3.3.2 ବିଗତ 5 ବର୍ଷରେ ପୁଞ୍ଜିଗତ ଖର୍ଚ୍ଚରେ କ୍ଷେତ୍ରୀୟ ଆବଣ୍ଟନ

(କୋଟି ଟଙ୍କାରେ)

| କ୍ରମିକ ନଂ | କ୍ଷେତ୍ର | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|---|
| 1. | ସାଧାରଣ ସେବା | 3,51 | 4,70 | 3,90 | 4,25 | 3,74 |
| 2. | ସାମାଜିକ ସେବା | 12,05 | 17,25 | 22,88 | 29,29 | 30,01 |
| 3. | ଅର୍ଥନୈତିକ ସେବା | 40,66 | 55,61 | 83,97 | 1,37,37 | 1,50,96 |
| 4. | ଋଣ ଓ ଅଗ୍ରୀମ | 2,16 | 4,64 | 3,58 | 3,37 | 2,54 |
| | ମୋଟ | 58,38 | 82,20 | 1,14,33 | 1,74,28 | 1,87,25 |

ବିଭିନ୍ନ କ୍ଷେତ୍ରରେ ପୁଞ୍ଜିଗତ ଖର୍ଚ୍ଚର ଧାରା




ଅଧ୍ୟାୟ-IV

## ଯୋଜନା ଓ ଅଣ ଯୋଜନା ଖର୍ଚ୍ଚ

### 4.1. ଖର୍ଚ୍ଚର ବିତରଣ

ଚଳିତ ବର୍ଷରେ ମୋଟ ଖର୍ଚ୍ଚ ପରିମାଣ 8,37,66 କୋଟି ଟଙ୍କା ଥିଲା । ତନ୍ମଧ୍ୟରୁ ଯୋଜନା ଖର୍ଚ୍ଚ 4,39,52 କୋଟି ଟଙ୍କା ଏବଂ ଅଣ ଯୋଜନା ଖର୍ଚ୍ଚ 3,98,14 କୋଟି ଟଙ୍କା ।




### 4.2. ଯୋଜନା ଖର୍ଚ୍ଚ

ଚଳିତ ବର୍ଷରେ ମୋଟ ଖର୍ଚ୍ଚର 52 ପ୍ରତିଶତ ଯୋଜନା ଖର୍ଚ୍ଚ ଥିଲା । ଏହି ପରିମାଣ 4,39,52 କୋଟି ଟଙ୍କା (ରାଜ୍ୟ ଯୋଜନାରେ 4,36,28 କୋଟି ଟଙ୍କା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ 1,61 କୋଟି ଟଙ୍କା ଏବଂ ଋଣ ଓ ଅଗ୍ରୀମ 1,63 କୋଟି ଟଙ୍କା) ଥିଲା ।

ଯୋଜନା ଖର୍ଚ୍ଚ, ମୋଟ ଖର୍ଚ୍ଚ ଏବଂ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ :

| ବର୍ଷ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ଯୋଜନା ଖର୍ଚ୍ଚ (କୋଟି ଟଙ୍କାରେ) | 1,73,37 | 2,29,71 | 3,01,93 | 4,05,89 | 4,39,52 |
| ମୋଟ ଖର୍ଚ୍ଚର ପ୍ରତିଶତ | 39 | 43 | 48 | 53 | 52 |
| ମୋଟ ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରତିଶତ | 7 | 8 | 10 | 12 | 12 |

ଯୋଜନା ଖର୍ଚ୍ଚ, ମୋଟ ଖର୍ଚ୍ଚ ଏବଂ ରାଜ୍ୟର ମୋଟ ସାମଗ୍ରୀକ  ଘରୋଇ ଉତ୍ପାଦର ଅନୁପାତ




## 4.2.1. ପୁଞ୍ଜିଗତ ହିସାବ ଅଧୀନରେ ଯୋଜନା ଖର୍ଚ୍ଚ

(କୋଟି ଟଙ୍କାରେ)


| କ୍ଷେତ୍ର | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ମୋଟ ପୁଞ୍ଜିଗତ ଖର୍ଚ୍ଚ | 58,38 | 82,20 | 1,14,33 | 1,74,28 | 1,87,25 |
| ପୁଞ୍ଜିଗତ ଖର୍ଚ୍ଚ (ଯୋଜନା) | 57,44 | 79,63 | 1,13,16 | 1,73,18 | 1,86,21 |
| ମୋଟ ପୁଞ୍ଜିଗତ ଖର୍ଚ୍ଚର ପ୍ରତିଶତ ହିସାବରେ ପୁଞ୍ଜିଗତ ଖର୍ଚ୍ଚ (ଯୋଜନା) | 98 | 97 | 99 | 99 | 99 |

## 4.3. ଅଣ ଯୋଜନା ଖର୍ଚ୍ଚ

ଚଳିତ ବର୍ଷରେ ଅଣ ଯୋଜନା ଖର୍ଚ୍ଚ ମୋଟ ଖର୍ଚ୍ଚର 48 ପ୍ରତିଶତ ଥିଲା, ଏହାର ପରିମାଣ 3,98,14 କୋଟି ଟଙ୍କା । (ରାଜସ୍ୱ ଅଧିନରେ 40,35 କୋଟି ଟଙ୍କା ଏବଂ ପୁଞ୍ଜି ଅଧିନରେ 1,04 କୋଟି ଟଙ୍କା ) ଥିଲା ।

| ବର୍ଷ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ଅଣ ଯୋଜନା ଖର୍ଚ୍ଚ (କୋଟି ଟଙ୍କାରେ) | 2,67,39 | 3,08,67 | 3,23,76 | 3,56,45 | 3,98,14 |
| ମୋଟ ଖର୍ଚ୍ଚର ପ୍ରତିଶତ | 61 | 57 | 52 | 47 | 48 |
| ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରତିଶତ | 10 | 11 | 10 | 11 | 11 |

### ଅଣ ଯୋଜନା ଖର୍ଚ୍ଚ, ମୋଟ ଖର୍ଚ୍ଚ ଏବଂ ରାଜ୍ୟର ମୋଟ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ





## 4.4. ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ

### ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ଧାରା

( କୋଟି ଟଙ୍କାରେ)

| ଅନୁପାତ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|
| ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ | 1,83,01 | 1,95,36 | 2,16,61 | 2,38,77 | 2,60,59 |
| ରାଜସ୍ୱ ଖର୍ଚ୍ଚ | 3,82,38 | 4,56,18 | 5,11,36 | 5,88,06 | 6,50,41 |
| ରାଜସ୍ୱ ପ୍ରାପ୍ତି | 4,39,37 | 4,89,47 | 5,69,98 | 6,89,41 | 7,42,99 |
| ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ | 42 | 40 | 38 | 35 | 35 |
| ରାଜସ୍ୱ ଖର୍ଚ୍ଚର ପ୍ରତିଶତ ହିସାବରେ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ | 47 | 48 | 43 | 42 | 40 |




ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚରେ ଊର୍ଦ୍ଧ୍ୱ ଗତିର ଧାରା ସରକାରଙ୍କୁ ଉନ୍ନୟନ ମୂଳକ ଖର୍ଚ୍ଚରେ ଅଧିକ ଅର୍ଥ ବିନିଯୋଗ କରିବାକୁ ସୁଯୋଗ ଦେଉନାହିଁ ।

ଅଧ୍ୟାୟ-V


## ବିନିଯୋଗ ଲେଖା

ଓଡିଶାର ସରକାରଙ୍କ 2016-17 ବର୍ଷ ଆର୍ଥିକ ବର୍ଷର ବିନିଯୋଗ ଲେଖା ପାଇଁ ଏହି ସଂକଳନ ଭାରତର ସମ୍ବିଧାନ ଧାରା 204 ଏବଂ 205 ଅନୁସାରେ ରାଜ୍ୟ ବିଧାନ ସଭାଦ୍ୱାରା ପାରିତ କରାଯାଇ ବିନିଯୋଗ ଅଧିନିୟମ ସହିତ ସଂଲଗ୍ନ ଅନୁସୂଚୀରେ ସଂଲଗ୍ନ ନିର୍ଦ୍ଦିଷ୍ଟ ଅର୍ଥ ସହ 31 ମାର୍ଚ୍ଚ 2017 ସୁଦ୍ଧା ଶେଷ ହେଉଥିବା ବର୍ଷରେ ବ୍ୟୟ ହୋଇଥିବା ଟଙ୍କାର ହିସାବ ପ୍ରସ୍ତୁତ ହୋଇଅଛି ।

### 5.1. 2016 -17 ଆର୍ଥିକ ବର୍ଷ ପାଇଁ ବିନିଯୋଗ ଲେଖାର ସାରାଂଶ

(କୋଟି ଟଙ୍କାରେ)

| କ୍ର· ନଂ | କେଉଁ ପ୍ରକାର ଖର୍ଚ୍ଚ | ମୂଳ ଅନୁଦାନ | ଅନୁପୂରକ ଅନୁଦାନ | ଅଭ୍ୟର୍ପଣ | ମୋଟ | ବାସ୍ତବ ଖର୍ଚ୍ଚ | ସଂଞ୍ଚୟ (-) ଅଧିକ (+) |
|---|---|---|---|---|---|---|---|
| 1. | ରାଜସ୍ୱ<br>ଅନୁମୋଦିତ<br>ନିର୍ଦ୍ଧେଶିତ<br>ମୋଟ | 7,20,46<br>47,61<br>**7,68,07** | 31,19<br>19<br>**31,38** | … | 7,51,65<br>47,80<br>**7,99,45** | 6,18,01<br>41,37<br>**6,59,38** | (-)1,33,64<br>(-)6,43<br>**(-)1,40,07** |
| 2. | ପୁଞ୍ଜିଗତ<br>ଅନୁମୋଦିତ<br>ନିର୍ଦ୍ଧେଶିତ<br>ମୋଟ | 1,67,31<br>18<br>**1,67,49** | 27,48<br>4<br>**27,22** | … | 1,94,79<br>22<br>**1,95,01** | 1,84,74<br>11<br>**1,84,85** | (-)10,05<br>(-)11<br>**(-)10,16** |
| 3. | ସରକାରୀ ଋଣ | 30,08 | … | … | 30,08 | 29,62 | (-)46 |
| 4. | ଋଣ ଏବଂ ଅଗ୍ରୀମ ଅନୁମୋଦିତ | 18,53 | 1,24 | … | 19,77 | 4,29 | (-)15,48 |
| | ମୋଟ | **9,84,17** | **60,14** | | **10,44,31** | **8,78,14** | **(-)1,66,17** |



## 5.2. ବିଗତ 5 ବର୍ଷରେ ସଞ୍ଚୟର ଧାରା

(କୋଟି ଟଙ୍କାରେ)

| ବର୍ଷ | ସଞ୍ଚୟ (-)/ ଅଧିକ (+) | | | | ମୋଟ |
|---|---|---|---|---|---|
| | ରାଜସ୍ୱ | ପୁଞ୍ଜି | ସରକାରୀ ଋଣ | ଋଣ ଏବଂ ଅଗ୍ରୀମ | |
| **2012-13** | (-)73,96 | (-)17,70 | (-) 24 | (-)1,46 | **(-)93,36** |
| **2013-14** | (-)1,11,45 | (-)10,65 | (-)5,26 | (-)21 | **(-)1,27,56** |
| **2014-15** | (-)1,50,61 | (-)31,07 | (-)4,19 | (-)1,88 | **(-)1,87,75** |
| **2015-16** | (-)1,44,75 | (-)18,52 | (-)72 | (-)3,18 | **(-)1,67,17** |
| **2016-17** | (-)1,40,07 | (-)10,16 | (-)46 | (-)15,48 | **(-)1,66,17** |

## 5.3. ମହତ୍ୱପୂର୍ଣ୍ଣ ସଞ୍ଚୟ

କାର୍ଯ୍ୟକାରୀ ହେଉନଥିବା ବା ମନ୍ଥର ଗତିରେ ଚାଲୁଥିବା କିଛି ଯୋଜନା/କାର୍ଯ୍ୟକ୍ରମ ଗୋଟିଏ ଅନୁଦାନ ଅଧିନରେ ଆଖି ଦୃଶିଆ ସଞ୍ଚୟର ସୂଚନା ଦିଏ ।

କିଛି ଅନୁଦାନରେ ବାରମ୍ବାର ଏବଂ ଗୁରୁତ୍ୱପୂର୍ଣ୍ଣ ସଞ୍ଚୟର ସୂଚନା ନିମ୍ନରେ ପ୍ରଦତ୍ତ ହେଲା :

(ପ୍ରତିଶତରେ)

| ଅନୁଦାନ | ନାମ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|---|
| ରାଜସ୍ୱ (ଅନୁମୋଦିତ) | | | | | | |
| **3** | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 55 | 43 | 36 | 39 | 37 |
| **5** | ଅର୍ଥ ବିଭାଗ | 22 | 29 | 23 | 33 | 38 |
| **8** | ଓଡିଶା ବିଧାନ ସଭା | 45 | 40 | 45 | 23 | 29 |
| **12** | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 11 | 14 | 19 | 19 | 9 |
| **22** | ଜଙ୍ଗଲ ଓ ପରିବେଶ ବିଭାଗ | 17 | 22 | 13 | 26 | 10 |
| **28** | ଗ୍ରାମ୍ୟ ଉନ୍ନୟନ ବିଭାଗ | 2 | 5 | 32 | 11 | 8 |
| **33** | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ | 21 | 13 | 16 | 15 | 16 |
| ପୁଞ୍ଜି (ଅନୁମୋଦିତ) | | | | | | |
| **1** | ସ୍ୱରାଷ୍ଟ୍ର ବିଭାଗ | 18 | 1 | 20 | 39 | 26 |
| **5** | ଅର୍ଥ ବିଭାଗ | 20 | 11 | 24 | 28 | 35 |
| **6** | ବାଣିଜ୍ୟ ବିଭାଗ | 8 | 36 | 27 | 27 | 14 |
| **10** | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 7 | 59 | 74 | 56 | 7 |
| **11** | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | .. | 12 | 28 | 11 | 15 |

| ଅନୁଦାନ | ନାମ | 2012-13 | 2013-14 | 2014-15 | 2015-16 | 2016-17 |
|---|---|---|---|---|---|---|
| 16 | ଯୋଜନା ଓ ସମନ୍ୱୟ ବିଭାଗ | 84 | 19 | 30 | 27 | 11 |
| 21 | ପରିବହନ ବିଭାଗ | .. | .. | 06 | 21 | 15 |
| 23 | କୃଷି ଓ କୃଷକ ସଶକ୍ତି କରଣ ବିଭାଗ | .. | .. | .. | 10 | 21 |
| ପୁଞ୍ଜି (ଅନୁମୋଦିତ) | | | | | | |
| 30 | ଶକ୍ତି ବିଭାଗ | 25 | 07 | 42 | 22 | 37 |
| 31 | ହସ୍ତତନ୍ତ ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | .. | .. | .. | .. | 100 |
| 32 | ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ | .. | .. | 17 | .. | 25 |
| 33 | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ | 80 | 25 | 12 | 20 | 44 |
| 34 | ସମବାୟ ବିଭାଗ | 68 | 02 | 82 | 27 | 58 |
| 39 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 66 | 49 | 19 | 19 | 24 |
| 40 | ଅଣୁ , କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ | .. | .. | .. | .. | 65 |

2016-17 ବର୍ଷରେ ଅନୁପୂରକ ଅନୁଦାନ 60,14 କୋଟି ଟଙ୍କା (ମୋଟ ଖର୍ଚ୍ଚର 6.85 ପ୍ରତିଶତ) ଅନେକ କ୍ଷେତ୍ରରେ ଅନାବଶ୍ୟକ ବୋଲି ପ୍ରମାଣିତ ହେଲା । କାରଣ ବର୍ଷ ଶେଷରେ ଅନେକ କ୍ଷେତ୍ରରେ ମୂଳ ଅନୁଦାନ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଖର୍ଚ୍ଚ ହୋଇପାରିନଥିଲା । ଏହାର କିଛି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

(କୋଟି ଟଙ୍କାରେ)

| ଅନୁଦାନ | ବିଭାଗ | ଅନୁଭାଗ | ମୂଳ ବଜେଟ୍ | ଅନୁପୂରକ ବଜେଟ୍ | ବାସ୍ତବ ବ୍ୟୟ |
|---|---|---|---|---|---|
| 1 | ସ୍ୱରାଷ୍ଟ୍ର | ରାଜସ୍ୱ<br>ପୁଞ୍ଜିଗତ | 35,47<br>2,58 | 99<br>62 | 33,47<br>2,39 |
| 2 | ସାଧାରଣ ପ୍ରଶାସନ | ରାଜସ୍ୱ | 1,57 | 15 | 1,49 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ରାଜସ୍ୱ | 50,00 | 1,24 | 32,34 |
| 4 | ଆଇନ | ରାଜସ୍ୱ | 2,60 | 10 | 2,39 |
| 6 | ବାଣିଜ୍ୟ | ରାଜସ୍ୱ | 67 | 1 | 60 |
| 7 | ନିର୍ମାଣ | ରାଜସ୍ୱ | 21,61 | 5 | 17,43 |
| 8 | ଓଡିଶା ବିଧାନ ସଭା | ରାଜସ୍ୱ | 35 | 10 | 32 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା | ରାଜସ୍ୱ | 1,11,86 | 1,78 | 97,27 |
| 11 | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ରାଜସ୍ୱ<br>ପୁଞ୍ଜିଗତ | 23,20<br>5,17 | 1,19<br>29 | 20,80<br>4,63 |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ରାଜସ୍ୱ | 40,55 | 3,85 | 40,33 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | ରାଜସ୍ୱ | 28,99 | 38 | 24,86 |

| ଅନୁଦାନ | ବିଭାଗ | ଅନୁଭାଗ | ମୂଳ ବଜେଟ୍ | ଅନୁପୂରକ ବଜେଟ୍ | ବାସ୍ତବ ବ୍ୟୟ |
|---|---|---|---|---|---|
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ରାଜସ୍ୱ | 96 | 11 | 95 |
| 15 | କ୍ରୀଡ଼ା ଓ ଯୁବସେବା | ରାଜସ୍ୱ | 47 | 1 | 32 |
| 16 | ଯୋଜନା ଓ ସଂଯୋଜନା | ରାଜସ୍ୱ | 6,15 | 32 | 6,06 |
| 17 | ପଞ୍ଚାୟତିରାଜ | ରାଜସ୍ୱ | 84,43 | 5,43 | 83,21 |
| 20 | ଜଳ ସମ୍ପଦ | ରାଜସ୍ୱ | 19,95 | 77 | 19,41 |
| 21 | ପରିବହନ | ପୁଞ୍ଜିଗତ | 2,96 | 1 | 2,52 |
| 22 | ଜଙ୍ଗଲ ଓ ପରିବେଶ | ରାଜସ୍ୱ | 6,01 | 48 | 5,84 |
| 23 | କୃଷି ଓ କୃଷକ ସଶକ୍ତି କରଣ | ରାଜସ୍ୱ | 34,03 | 69 | 29,80 |
| 24 | ଇସ୍ପାତ ଓ ଖଣି | ରାଜସ୍ୱ | 84 | 1 | 76 |
| 26 | ଅବକାରୀ | ରାଜସ୍ୱ<br>ପୁଞ୍ଜିଗତ | 73<br>5 | 1<br>5 | 60<br>2 |
| 29 | ସଂସଦୀୟ ବ୍ୟାପାର | ରାଜସ୍ୱ | 32 | 4 | 32 |
| 31 | ହସ୍ତତନ୍ତ ,ବୟନଶିଳ୍ପ ଓ ହସ୍ତଶିଳ୍ପ | ରାଜସ୍ୱ | 1,49 | 1 | 1,41 |
| 32 | ପର୍ଯ୍ୟଟନ ଓ ସଂସ୍କୃତି | ରାଜସ୍ୱ<br>ପୁଞ୍ଜିଗତ | 1,26<br>1,17 | 2<br>1 | 1,22<br>88 |
| 33 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | ରାଜସ୍ୱ<br>ପୁଞ୍ଜିଗତ | 5,60<br>1,24 | 10<br>3 | 4,79<br>71 |
| 34 | ସମବାୟ | ରାଜସ୍ୱ | 15,26 | 1,17 | 15,20 |
| 36 | ମହିଳା ଓ ଶିଶୁ ବିକାଶ | ରାଜସ୍ୱ | 27,88 | 1,20 | 21,09 |
| 38 | ଉଚ୍ଚ ଶିକ୍ଷା | ରାଜସ୍ୱ | 21,26 | 61 | 19,04 |
| 39 | ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ | ରାଜସ୍ୱ<br>ପୁଞ୍ଜିଗତ | 2,43<br>3,88 | 16<br>22 | 2,37<br>3,12 |
| 40 | ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ରାଜସ୍ୱ<br>ପୁଞ୍ଜିଗତ | 1,02<br>10 | 14<br>10 | 95<br>7 |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ରାଜସ୍ୱ | 19,07 | 99 | 17,42 |

অধ্যায়-VI

## ପରିସମ୍ପତ୍ତି ଓ ଦେୟତା

### 6.1. ପରିସମ୍ପତ୍ତି

ପ୍ରଚଳିତ ହିସାବରେ ସରକାରଙ୍କର ସମ୍ପତ୍ତି ଯଥା ଜମି, ଗୃହ ଇତ୍ୟାଦିର ମୂଲ୍ୟ ପ୍ରତିଫଳିତ ହେଉନାହିଁ, କେବଳ ଯେଉଁ ବର୍ଷରେ ସମ୍ପତ୍ତି ଅଧିଗ୍ରହଣ/କ୍ରୟ କରାଯାଉଛି ସେ କ୍ଷେତ୍ରରେ ଏହା ହିସାବରେ ଦର୍ଶାଯାଉଛି । ସେହିପରି ହିସାବରେ ଚଳିତ ବର୍ଷର ଦେୟତାର ପ୍ରଭାବ ବିଷୟରେ ଉଲ୍ଲେଖ କରାଯାଉଛି । କିନ୍ତୁ ଏଥିରେ ଭବିଷ୍ୟତ ବଂଶଧରମାନଙ୍କ ଉପରେ ଏହି ଦେୟତାର ପ୍ରଭାବ ବିଷୟରେ କିଛି ଉଲ୍ଲେଖ ରହୁନାହିଁ, କେବଳ ସୁଧହାର ଏବଂ ବର୍ତ୍ତମାନ କରାଯାଇଥିବା ଋଣ ଉପରେ ସୂଚନା ଦିଆଯାଉଛି ।

ଅଂଶ ପୁଞ୍ଜି ରୂପରେ ବୈଧାନିକ ନିଗମ, ସରକାରୀ କମ୍ପାନୀ, ଯୌଥ ପରିଚାଳନା କମ୍ପାନୀ ଏବଂ ସମବାୟ ସମିତିରେ 2016-17 ଆର୍ଥିକ ବର୍ଷର ଶେଷ ସୁଦ୍ଧା ମୋଟ ପୁଞ୍ଜି ନିବେଶ ପରିମାଣ 44,23 କୋଟି ଟଙ୍କା,  ଯଦିଓ, ଏହି ବର୍ଷରେ 5,66 କୋଟି ଟଙ୍କା ଲାଭାଂଶ (ଯାହାକି ବିନିଯୋଗର 12.80 ପ୍ରତିଶତ ।  2016-17 ରେ ପୁଞ୍ଜି ନିବେଶ 5,42 କୋଟି ଟଙ୍କା ବୃଦ୍ଧି ପାଇଥିବା ବେଳେ ଲାଭାଂଶ 13 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ।

ଭାରତୀୟ ରିଜର୍ଭ ବ୍ୟାଙ୍କରେ ରିଜର୍ଭ ବ୍ୟାଙ୍କର ନଗଦ ରୋକଡ ଅବଶେଷ 31 ମାର୍ଚ୍ଚ 2016 ସୁଦ୍ଧା 6,67  କୋଟି ଟଙ୍କା ଥିଲା ଏବଂ ଏହା ମାର୍ଚ୍ଚ 2017 ଶେଷରେ 3,19 କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

### 6.2. ଋଣ ଓ ଦେୟତା

ଭାରତର ସମ୍ବିଧାନର 293 ଧାରା ଅନୁସାରେ, ରାଜ୍ୟ ସରକାର ବିଧାନ ସଭାଦ୍ୱାରା ସ୍ଥିରିକୃତ ସମୟ ସୀମା ପର୍ଯ୍ୟନ୍ତ ରାଜ୍ୟର ସଂଗଠିତ ପାଣ୍ଠିର ସୁରକ୍ଷା ଦେଇ କରଜ କରିପାରିବେ । ଓଡିଶା ବିଧାନସଭା ଓଡିଶା ବିତ୍ତିୟ ଉତ୍ତର ଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ 2005 ( 2005 ର ଓଡିଶା ଅଧିନିୟମ 6) ଏବଂ ଓଡିଶା ବିତ୍ତିୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ (ସଂଶୋଧିତ) 2006 (2006 ର ଓଡିଶା ଅଧିନିୟମ 6) ପାରିତ କରିଛନ୍ତି ।

ଏହି ଅଧିନିୟମ ଅନୁସାରେ ଓଡିଶା ସରକାରଙ୍କର ଦାୟିତ୍ୱ ହେଉଛି ଯେ, ସେ ଆର୍ଥିକ ପରିଚାଳନା ଏବଂ ଆର୍ଥିକ ସୁଦୃଢତାକୁ ଆଖିଆଗରେ ରଖି ଧିରେ ଧିରେ ରାଜସ୍ୱ ନିଅଣ୍ଟ ହ୍ରାସ କରିବେ ଏବଂ ଆର୍ଥିକ ସ୍ଥିରତା ସହ ଖାପଖୁଆଇ ପୋଷଣୀୟ ସ୍ତରରେ ଋଣ ପରିଚାଳନା କରିବେ ।


## ବିଗତ 5 ବର୍ଷରେ ସରକାରୀ ଋଣ ଏବଂ ମୋଟ ଆର୍ଥିକ ଦେୟତାର ପରିମାଣ ସବିସ୍ତୃତ ବିବରଣ:

| ବର୍ଷ | ସରକାରୀ ଋଣ (କୋଟି ଟଙ୍କାରେ) | ଘରୋଇ ଉତ୍ପାଦର ପ୍ରତିଶତ | ସରକାରୀ ହିସାବ (କୋଟି ଟଙ୍କାରେ) | ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରତିଶତ | ମୋଟ ଋଣ ବୋଝ (କୋଟି ଟଙ୍କାରେ) | ମୋଟ ଘରୋଇ ଉତ୍ପାଦର ପ୍ରତିଶତ |
|---|---|---|---|---|---|---|
| **2012-13** | 2,33,17 | 9 | 2,00,27 | 8 | 4,33,44 | 17 |
| **2013-14** | 2,33,14 | 8 | 2,14,00 | 7 | 4,47,14 | 15 |
| **2014-15** | 2,68,49 | 8 | 2,36,44 | 8 | 5,04,93 | 16 |
| **2015-16** | 3,37,57 | 10 | 2,59,96 | 7 | 5,97,53 | 17 |
| **2016-17** | 4,20,18 | 11 | 2,96,05 | 8 | 7,16,23 | 19 |

(*) ନିଲମ୍ବନ ଓ ପ୍ରେରଣ ଅବଶେଷ ବ୍ୟତୀତ / ମୋଟ ।

ବି.ଦ୍ର : ସଂଖ୍ୟାଗୁଡିକ ବର୍ଷ ଶେଷରେ କ୍ରମନ୍ୱିତିଶୀଳ ଅବଶେଷ ଅଟେ ।

2015-16 ବର୍ଷ ତୁଳନାରେ ସରକାରୀ ଋଣ ଏବଂ ଅନ୍ୟାନ୍ୟ ଦେୟତାର ନିଟ୍ ବୃଦ୍ଧି 1,18,70 କୋଟି ଟଙ୍କା (18 ପ୍ରତିଶତ) ଅଟେ ।



## 6.3 ବଚନ ବଦ୍ଧତା

ବୈଧାନିକ ନିଗମ, ସରକାରୀ କମ୍ପାନୀ, ନିଗମ ଏବଂ ସମବାୟ୍ ସମିତି ଇତ୍ୟାଦି ଆଣୁଥିବା ଋଣ ଓ ପୁଞ୍ଜି ଏବଂ ପ୍ରଦତ୍ତ ସୁଧ ପାଇଁ ରାଜ୍ୟ ସରକାରଙ୍କ ବଚନ ବଦ୍ଧତାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

(କୋଟି ଟଙ୍କାରେ)

| ବର୍ଷ ଶେଷରେ | ସର୍ବାଧିକ ପରିମାଣ ପାଇଁ ବଚନ ବଦ୍ଧତା ପ୍ରଦାନ (କେବଳ ମୂଳ ଉପରେ) | 31.03.2014 ସୁଦ୍ଧା ବାକିଥିବା ପରିମାଣ | |
|---|---|---|---|
| | | ମୂଳ | ସୁଧ* |
| **2012-13** | 1,05,79 | 22,51 | … |
| **2013-14** | 1,06,25 | 17,05 | … |
| **2014-15** | 1,08,86 | 16,72 | … |
| **2015-16** | 1,08,91 | 12,90 | … |
| **2016-17** | 1,22,81 | 22,56 | … |

* ଓଡିଶା ସରକାରଙ୍କ ଅର୍ଥ ବିଭାଗ ସଂଖ୍ୟା ନଂ 46546 ତା.14.11.2006 ରିଖ ଅନୁସାରେ ସରକାରୀ ବଚନ ବଦ୍ଧତା କେବଳ ସରକାରୀ ଉଦ୍ୟୋଗ/ନଗରାଞ୍ଚଳ ନିକାୟ୍ ସଂସ୍ଥା ସମବାୟ୍ ପ୍ରତିଷ୍ଠାନ/କମ୍ପାନୀମାନେ ଆଣିଥିବା ମୂଳ ଋଣ କ୍ଷେତ୍ରରେ ପ୍ରଦାନ କରାଯିବ । ପ୍ରତି ବର୍ଷ ସରକାରୀ ବଚନ ବଦ୍ଧତା 1 ଏପ୍ରିଲ୍ ସୁଦ୍ଧା ଦ୍ୱିତୀୟ୍ ପୂର୍ବବର୍ତ୍ତୀ ବର୍ଷର ଶତପ୍ରତିଶତ ରାଜସ୍ୱ ପ୍ରାପ୍ତିରୁ ଅଧିକ ହେବନାହିଁ । ରାଜ୍ୟ ସରକାର ଦେଉଥିବା ବଚନ ବଦ୍ଧତା ନିର୍ଦ୍ଧାରିତ ସୀମାମଧ୍ୟରେ ରହିବ ।

ଅଧ୍ୟାୟ-VII

## ଅନ୍ୟାନ୍ୟ ବିଷୟ

### 7.1 ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଋଣ ଏବଂ ଅଗ୍ରୀମ

2016-17 ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରଦାନ କରିଥିବା ମୋଟ ଋଣ ଓ ଅଗ୍ରୀମର ପରିମାଣ 47,08 କୋଟି ଟଙ୍କା ଅଟେ, ଏଥି ମଧ୍ୟରୁ 43,06 କୋଟି ଟଙ୍କା ସରକାରୀ ନିଗମ, କମ୍ପାନୀ, ବେସରକାରୀ ସଂସ୍ଥା ଏବଂ ନିକାୟ ସଂସ୍ଥାକୁ ପ୍ରଦାନ କରାଯାଇଥିଲା ।

### 7.2 ନିକାୟ ସଂସ୍ଥା ଏବଂ ଅନ୍ୟାନ୍ୟଙ୍କୁ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା

ବିଗତ 5 ବର୍ଷରେ ନିକାୟ ସଂସ୍ଥା ଇତ୍ୟାଦିଙ୍କୁ ସହାୟକ ଅନୁଦାନ ପରିମାଣ 2012-13 ରେ 70,23 କୋଟି ଟଙ୍କାରୁ 2016-17 ରେ 1,93,48 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଏବଂ ନଗରପାଳିକାକୁ (41,11 କୋଟି ଟଙ୍କା) ଅନୁଦାନ ପ୍ରଦାନ କରାଯାଇଛି, ଏହା ବର୍ଷରେ ଦିଆଯାଇଥିବା ମୋଟ ଅନୁଦାନର 21 ପ୍ରତିଶତ ଅଟେ ।

### 7.3 ନଗଦ ରୋକଡ ଅବଶେଷ ଏବଂ ନଗଦ ରୋକଡ ଅବଶେଷର ନିବେଶ

2016-17 ଆର୍ଥିକ ବର୍ଷ ପ୍ରାରମ୍ଭରେ ରୋକଡ ଅବଶେଷ 6,67 କୋଟି ଟଙ୍କା ଥିବା ବେଳେ ବର୍ଷ ଶେଷ ବେଳକୁ ଏହା 3,19 କୋଟି ଟଙ୍କାକୁ ହ୍ରାସ ପାଇଥିଲା । ରୋକଡ ଅବଶେଷ ନିବେଶ ହିସାବରେ ପୁଞ୍ଜି ନିବେଶ 31 ମାର୍ଚ୍ଚ 2017 ରେ 87,38 କୋଟି ଟଙ୍କା ଥିଲା । 2016-17 ରେ ରୋକଡ ଅବଶେଷର ନିବେଶରୁ **ପ୍ରାପ୍ତ ସୁଧ ରାଶି** 3,91 କୋଟି, ପୂର୍ବ ବର୍ଷ ତୁଳନାରେ 7 ପ୍ରତିଶତ ବୃଦ୍ଧି ପାଇଥିଲା । ଏହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

(କୋଟି ଟଙ୍କାରେ)

| ଉପାଦାନ | 1 ଏପ୍ରିଲ୍ 2016 ସୁଦ୍ଧା | 31 ମାର୍ଚ୍ଚ 2017 ସୁଦ୍ଧା | ନିଟ୍ ବୃଦ୍ଧି (+) / ହ୍ରାସ (-) |
|---|---|---|---|
| 1. ରୋକଡ ଅବଶେଷ | 667 | 319 | (-) 348 |
| 2. ରୋକଡ ଅବଶେଷରୁ ନିବେଷ (ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍) | 58,36 | 87,38 | 29,02 |
| 3.ଅନ୍ୟାନ୍ୟ ରୋକଡ ଅବଶେଷ | 55,44 | 55,44 | - |
| i) ବିଭାଗୀୟ ଅଧିକାରୀଙ୍କ ସହ ରୋକଡ ଏବଂ ସ୍ଥାୟୀ ଅଗ୍ରୀମ | 21 | 21 | - |
| ii) ଚିହ୍ନିତ ପାଣ୍ଠି ଅବଶେଷରୁ ନିବେଶ | 55,23 | 55,23 | - |
| (a) ଋଣ ଶୋଧନ ପାଣ୍ଠି | 50,43 | 50,43 | - |
| (b) ପ୍ରତ୍ୟାଭୂତି ମୋଚନ ପାଣ୍ଠି | 4,80 | 4,80 | - |
| ମୋଟ (1+2+3) | **1,20,47** | **1,46,01** | **25,55** |
| ରୋକଡ ଅବଶେଷ ଉପରେ ସୁଧ ନିବେଶ ହିସାବ | 3,65 | 3,91 | 26 |

## 7.4 ହିସାବ ମିଳାମିଳି

ହିସାବର ସଠିକତା ଏବଂ ବିଶ୍ୱାସନୀୟତା ବିଭିନ୍ନ କ୍ଷେତ୍ର ଉପରେ ନିର୍ଭର କରେ ଯଥା ସଠିକ୍ ସମୟରେ ବିଭାଗର ହିସାବ, ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଙ୍କ ପାଖରେ ଥିବା ହିସାବ ସହିତ ମେଳକ ହେବା ଉଚିତ୍ ।

ବାର୍ଷିକ ହିସାବ ଚୂଡାନ୍ତ ହେବା ପୂର୍ବରୁ ବିଭାଗୀୟ ମୂଖ୍ୟମାନେ ସେମାନଙ୍କ ବିଭାଗର ହିସାବ, ପ୍ରଧାନ ମହାଲେଖାକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ହିସାବ ସହିତ ମିଳାମିଳି କରନ୍ତି । ଏହି ହିସାବ ମିଳାମିଳି ପ୍ରତ୍ୟେକ ମାସରେ ହୁଏ । 2016-17 ବର୍ଷରେ 167 ନିୟନ୍ତ୍ରଣ ଅଧିକାରୀଙ୍କ ମଧ୍ୟରୁ 151 ଜଣ ନିୟନ୍ତ୍ରଣ ଅଧିକାରୀ ଖର୍ଚ୍ଚ କ୍ଷେତ୍ରରେ ସମ୍ପୂର୍ଣ୍ଣ ତଦାରଖ କରିଥିଲେ । ସେହିପରି ପ୍ରାପ୍ତି କ୍ଷେତ୍ରରେ 70 ଟି ନିୟନ୍ତ୍ରଣଙ୍କ ଅଧିକାରୀଙ୍କ ମଧ୍ୟରୁ 27 ଜଣ ନିୟନ୍ତ୍ରଣ ଅଧିକାରୀ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ ତଦାରଖ କରିଥିଲେ ।

| ବିବରଣ | ମୋଟ ନିୟନ୍ତ୍ରଣ ଅଧିକାରୀ | ସମ୍ପୂର୍ଣ୍ଣ ଭାବେ ହିସାବ ମିଳାମିଳି | ଆଂଶିକ ଭାବେ ହିସାବ ମିଳାମିଳି | ଆଦୌ ହିସାବ ମିଳାମିଳି କରିନଥିବା |
|---|---|---|---|---|
| ଖର୍ଚ୍ଚ | 167 | 151 | .. | 16 |
| ପ୍ରାପ୍ତି | 70 | 27 | .. | 43 |

## 7.5 କୋଷାଗାର ଦ୍ୱାରା ହିସାବ ଦାଖଲ

ଭାଉଚରର ଦ୍ୱିତୀୟ ତାଲିକା ରୋକଡ ହିସାବ ସହିତ ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଙ୍କ କାର୍ଯ୍ୟାଳୟରେ ପରବର୍ତ୍ତୀ ମାସର 5 ରୁ 10 ତାରିଖ ମଧ୍ୟରେ (କେବଳ ମାର୍ଚ୍ଚ ମାସ ପାଇଁ 15 ତାରିଖ) ସୁଦ୍ଧା ଦେବାକୁ ସ୍ଥିରିକୃତ ହୋଇଛି । କୋଷାଗାର ମାନଙ୍କଠାରୁ ଭାଉଚର ମିଳିବାରେ ବିଳମ୍ବ ହେଲେ ମାସିକ ହିସାବ ମିଳାମିଶାରେ ବିଳମ୍ବ ହୁଏ ଏବଂ ଏହାକୁ ବାଦ୍ ଦେଲେ ରାଜ୍ୟ ବେସାମରିକ ହିସାବରେ ସଠିକ୍ ଚିତ୍ର ପ୍ରଦର୍ଶିତ ହୁଏ ନାହିଁ । ବିଳମ୍ବରେ ହିସାବ ଦାଖଲ କରିବା ଦ୍ୱାରା ମାସିକ ଏବଂ ବାର୍ଷିକ ହିସାବ ପ୍ରସ୍ତୁତିରେ ବିଳମ୍ବ ହୁଏ ଏବଂ ଏହା ଦ୍ୱାରା ବିତ୍ତ ଲେଖା ଏବଂ ବିନିଯୋଗ ଲେଖା ବିଧାନସଭାରେ ବିଳମ୍ବରେ ଉପସ୍ଥାପିତ ହୁଏ । 2016-17 ଆର୍ଥିକ ବର୍ଷରେ 1 ରୁ 16 କୋଷାଗାର ଏକ ଦିନ ଠାରୁ 15 ଦିନ ପର୍ଯ୍ୟନ୍ତ ବିଳମ୍ବରେ ପ୍ରଦାନ କରିଥିଲେ ବୋଲି ଜଣାଯାଉଛି ।

## 7.6 ସଂକ୍ଷିପ୍ତ ଅନିୟତ (AC) ବିଲ୍ ଏବଂ ବିଶଦ ଅନିୟତ (DC) ବିଲ୍

ଯେତେବେଳେ ଟଙ୍କା ଆଗୁଆ ଆବଶ୍ୟକ ପଡେ ଏବଂ କେତେ ଟଙ୍କା ଖର୍ଚ୍ଚ ପାଇଁ ଆବଶ୍ୟକ ତାହା ଆହରଣ ଓ ବିତରଣ ଅଧିକାରୀମାନେ ଜାଣିପାରିନ୍ତି ନାହିଁ ସେତେବେଳେ ସେମାନେ ଆବଶ୍ୟକୀୟ କାଗଜପତ୍ର ବିନା ଅନିୟତ ବିଲ୍ ମାଧ୍ୟମରେ ଟଙ୍କା ଆହରଣ କରିଥାନ୍ତି । ପରେ ଏକ ମାସ ମଧ୍ୟରେ ବିଶଦ ଅନିୟତ ବିଲ୍ ମାଧ୍ୟମରେ ସଂକ୍ଷିପ୍ତ ଅନିୟତ ବିଲ୍‌ର ଖର୍ଚ୍ଚକୁ ସମାଧାନକରିବା ଆବଶ୍ୟକ । 31 ମାର୍ଚ୍ଚ 2017 ଶେଷ ସୁଦ୍ଧା 80.20 କୋଟି ଟଙ୍କାର 25,36

ବିଶଦ ଅନିୟୃତ ବିଲ୍ ଦାଖଲ ହେବାକୁ ବାକି ଅଛି, ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଏହି ନିର୍ଦ୍ଦେଶକୁ ସଠିକ୍ ଭାବେ ଅନୁପାଳନ କରାଯାଉନାହିଁ ।

## 7.7 ଅସମ୍ପୂର୍ଣ୍ଣ କାର୍ଯ୍ୟର ପ୍ରତିଶ୍ରୁତିବଦ୍ଧତା

2016-17 ବର୍ଷ ସୁଦ୍ଧା ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ମୋଟ 2,28,22 କୋଟି ଟଙ୍କା ବ୍ୟୟ ହୋଇଅଛି ।

## 7.8 ସହାୟକ ଅନୁଦାନ ଭାଉଚର ର ବଳକା ବିନିଯୋଗ ପ୍ରମାଣପତ୍ର

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓ.ଜି.ଏଫ୍.ଆର) 173 ସୂଚିତ କରେ କି ଯେତେବେଳେ ଅନୁଦାନ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ମଂଜୁର କରାଯାଇଥାଏ, ସଂପୃକ୍ତ ବିଭାଗୀୟ ଅଧିକାରୀ ଯାହାଙ୍କର ସ୍ୱାକ୍ଷର ବା ପ୍ରତିସ୍ୱାକ୍ଷରରେ ସହାୟକ ଅନୁଦାନ ରାଶିର ଉଠାଣ ହୋଇଥାଏ, ସେ ଗ୍ରହୀତାଙ୍କ ଠାରୁ ବିନିଯୋଗ ପ୍ରମାଣପତ୍ର ଆଣିବେ ଯାହାକି ପ୍ରଶାସନିକ ବଭାଗଦ୍ୱାରା ଉପଯୁକ୍ତ ଅନୁଧ୍ୟାନ ପରେ ଯଦି ମଂଜୁରୀ ଆଦେଶ ପତ୍ରରେ ଅନ୍ୟକଛ ଲେଖା ଯାଇ ନଥାଏ, ପରବର୍ତ୍ତୀ ଆର୍ଥିକ ବର୍ଷର ଜୁନ 30 ତାରିଖ ମଧ୍ୟରେ ମହାଲେଖାକାର (ଲେଖା ଓ ହକଦାରୀ) ଙ୍କ କାର୍ଯ୍ୟାଳୟକୁ ପଠାଯାଇଥାଏ । ମାର୍ଚ୍ଚ 31 (2017) ସୁଦ୍ଧା ବକେୟା ବିନିଯୋଗ ପ୍ରମାଣ ପତ୍ରର ସ୍ଥିତି ନିମ୍ନରେ ପଦତ୍ତ ହେଲା ।

(କୋଟି ହିସାବରେ)

| ବର୍ଷ | ଅପେକ୍ଷାକୃତ ବିନିଯୋଗ ପ୍ରମାଣପତ୍ରର ସଂଖ୍ୟା | ପରିମାଣ (କୋଟି ହିସାବରେ) |
|---|---|---|
| 2014-15 ପର୍ଯ୍ୟନ୍ତ | 20,940 | 9,443.88 |
| 2015-16 | 2,935 | 6,120.69 |
| 2016-17* | 3,878 | 14,969.38 |
| ମୋଟ | **27,753** | **30,533.95** |

ଦ୍ରଷ୍ଟବ୍ୟ:- ଯଦି ମଂଜୁରୀ ଆଦେଶରେ ଅନ୍ୟ କିଛି ଦର୍ଶା ଯାଇନଥାଏ, 2016-17 ରେ ସହାୟକ ଅନୁଦାନ ବିଲ୍ ର ବିନିଯୋଗ ପ୍ରମାଣ ପତ୍ର ମାନ ଜୁନ 30, 2017 ସୁଦ୍ଧା ପହଞ୍ଚିବା ଉଚିତ ।

## 7.9 ବ୍ୟକ୍ତିଗତ ଜମା ଖାତାକୁ ସ୍ଥାନାନ୍ତରିତ ରାଶି

ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସଂଗଠିତ ପାଣ୍ଠିରୁ ସ୍ଥାନାନ୍ତର ଯୋଗ୍ୟ ବ୍ୟକ୍ତିଗତ ଜମା ଖାତା ଖୋଲିବାପାଇଁ ସରକାର କ୍ଷମତାପ୍ରାପ୍ତ ଅଟନ୍ତି । ଓଡ଼ିଶା କୋଷାଗାର ଅଧିନିୟମ ଅନୁସାରେ ଯଦି କୌଣସି ବ୍ୟକ୍ତିଗତ ଜମାଖାତାରେ ଶେଷ ଦେଣନେଣ ଆର୍ଥୀକ ବର୍ଷର କ୍ରମାଗତ ପରବର୍ତ୍ତୀ ତିନି ଆର୍ଥୀକ ବର୍ଷ ପର୍ଯ୍ୟନ୍ତ କୌଣସି ଉପଯୋଗ ହୋଇ ନ ଥାଏ, ସେଗୁଡ଼ିକ ବନ୍ଦ କରିବା ଉଚିତ ଏବଂ ଅବ୍ୟବହୃତ ରାଶି ସଂଗଠିତ ପାଣ୍ଠିକୁ ଫେରସ୍ତ ହେବା ଉଚିତ। 2016-17 ରେ କୌଣସି

ବ୍ୟକ୍ତିଗତ ଜମାଖାତା ଖୋଲାଯାଇ ନଥିଲା ଏବଂ 22ଟି ଖାତା ରେ ଥିବା 0.67 କୋଟିର ଜମା ବନ୍ଦ କରାଯିବା ପରେ 827 ଟି ବ୍ୟକ୍ତିଗତ ଜମାଖାତାରେ 10,97.36 କୋଟିର ଅବଶିଷ୍ଟାଂଶ ରହିଛି ।

(କୋଟି ହିସାବରେ)

| ପ୍ରାରମ୍ଭିକ ପରିମାଣ | | ବର୍ଷ ମଧ୍ୟରେ ପାଇଥିବା/ ଜମାକୃତ ରାଶି | | ବର୍ଷ ମଧ୍ୟରେ ସମାପିତଖର୍ଚ୍ଚ / ରାଶି | | ବଳକା ରାଶି | |
|---|---|---|---|---|---|---|---|
| ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ |
| 849 | 1,242.46 | .. | 2,033.64* | 22 | 2,178.74 | 827 | 1,097.36 |

*ଚାଲୁ ରହିଥିବା ବ୍ୟକ୍ତିଗତ ଜମା ଖାତାକୁ ଯାଇଥିବା ରାଶିର ପରିମାଣ

ବିଧିନିୟମ ଅନୁସାରେ ପ୍ରଶାସକ ମାନେ ବ୍ୟକ୍ତିଗତ ଜମାଖାତାର ଅବଶିଷ୍ଟ ପରିମାଣକୁ କୋଷାଗାର ହିସାବ ସାଙ୍ଗରେ ମେଳାଇବା ଦରକାର। ମୋଟ 827ଟି ବ୍ୟକ୍ତିଗତ ଜମାଖାତା ମଧ୍ୟରୁ 792 ଜଣ ପ୍ରଶାସକ ସେମାନଙ୍କ ଖାତାର ଅବଶିଷ୍ଟ ପରିମାଣକୁ ମେଳାଇଛନ୍ତି।

## 7.10 ଖର୍ଚ୍ଚର ଭିଡ

ରାଜ୍ୟ ସରକାର ରୋକଡ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏହା ଦ୍ୱାରା ମାର୍ଚ୍ଚ ମାସରେ ବଜେଟ୍‌ରେ ହୋଇଥିବା ବ୍ୟୟବରାଦର 15 ପ୍ରତିଶତରୁ ଅଧିକ ଖର୍ଚ୍ଚ ହେବନାହିଁ ଏବଂ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଏହି ଖର୍ଚ୍ଚ ବ୍ୟୟବରାଦର 40 ପ୍ରତିଶତ ମଧ୍ୟରେ ସିମୀତ ରହିବ । 31 ମାର୍ଚ୍ଚ 2017 ସୁଦ୍ଧା କେବଳ 19 ଟି ବିଭାଗ ରୋକଡ ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ । ଏପରି କି ଏହି 19 ଟି ବିଭାଗ ମଧ୍ୟରୁ 9 ଟି ବିଭାଗ ମାର୍ଚ୍ଚ ମାସ ପାଇଁ ହୋଇଥିବା ନିର୍ଦ୍ଧାରିତ ସୀମାକୁ ଅତିକ୍ରମ କରିଥିଲେ ଏବଂ 3 ଟି ବିଭାଗ ଶେଷ ତ୍ରୈମାସିକ ପାଇଁ ହୋଇଥିବା ସୀମାକୁ ଅତିକ୍ରାନ୍ତ କରିଥିଲେ । ଯାହାର ବିବରଣୀ ପର ପୃଷ୍ଠାରେ ପ୍ରଦତ୍ତ ହୋଇଛି ।

### 2016-17 ରେ ସି.ଏମ୍.ସି. ଅଧିନରେ ବିଭାଗ ଭିତ୍ତିକ ଖର୍ଚ୍ଚର ବିବରଣୀ

(କୋଟି ଟଙ୍କାରେ)

| କ୍ର. ନଂ | ଅନୁଦାନ ନଂ | ବିଭାଗର ନାମ | ବଜେଟ୍‌ରେ ହୋଇଥିବା ବ୍ୟୟ ବରାଦ | ମାର୍ଚ୍ଚ 2016 ରେ ହୋଇଥିବା ଖର୍ଚ୍ଚ | 2016 ଶେଷ ତ୍ରୈମାସିକ ହୋଇଥିବା ଖର୍ଚ୍ଚ | ମାର୍ଚ୍ଚ 2016 ରେ ଖର୍ଚ୍ଚର ପ୍ରତିଶତ | ଶେଷ ତ୍ରୈମାସିକ ରେ ଖର୍ଚ୍ଚର ପ୍ରତିଶତ |
|---|---|---|---|---|---|---|---|
| 1. | 07 | ନିର୍ମାଣ | 4,532.62 | 993.82 | 1,727.28 | 21.93 | 38.11 |
| 2. | 10 | ବିଦ୍ୟାଳୟ ଓ ଗଣଶିକ୍ଷା | 11,237.85 | 1,277.56 | 2,625.00 | 11.37 | 23.36 |
| 3. | 11 | ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | 2,837.12 | 515.29 | 1,311.31 | 18.16 | 46.22 |

| କ୍ର. ନଂ | ଅନୁଦାନ ନଂ | ବିଭାଗର ନାମ | ବଜେଟ୍‌ରେ ହୋଇଥିବା ବ୍ୟୟ ବରାଦ | ମାର୍ଚ୍ଚ 2016 ରେ ହୋଇଥିବା ଖର୍ଚ୍ଚ | 2016 ଶେଷ ତ୍ରୈମାସିକ ହୋଇଥିବା ଖର୍ଚ୍ଚ | ମାର୍ଚ୍ଚ 2016 ରେ ଖର୍ଚ୍ଚର ପ୍ରତିଶତ | ଶେଷ ତ୍ରୈମାସିକ ରେ ଖର୍ଚ୍ଚର ପ୍ରତିଶତ |
|---|---|---|---|---|---|---|---|
| 4. | 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 4,793.97 | 652.48 | 1,491.72 | 13.61 | 31.12 |
| 5. | 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | 3,364.10 | 618.27 | 994.88 | 18.38 | 29.57 |
| 6. | 17 | ପଞ୍ଚାୟତିରାଜ | 8,467.95 | 904.54 | 1,134.17 | 10.68 | 13.39 |
| 7. | 19 | ଶିଳ୍ପ | 93.27 | 31.49 | 41.44 | 33.76 | 44.43 |
| 8. | 20 | ଜଳ ସମ୍ପଦ | 7,261.57 | 1,208.26 | 2,478.72 | 16.64 | 34.13 |
| 9. | 22 | ଜଙ୍ଗଲ ଓ ପରିବେଶ | 605.42 | 88.35 | 211.62 | 14.59 | 34.95 |
| 10. | 23 | କୃଷି ଓ କୃଷକ ସଶକ୍ତି କରଣ | 3,646.41 | 498.55 | 943.22 | 13.67 | 25.87 |
| 11. | 28 | ଗ୍ରାମ୍ୟ ଉନ୍ନୟନ | 6,492.36 | 1,245.37 | 2,484.28 | 19.18 | 38.26 |
| 12. | 30 | ଶକ୍ତି | 2,801.12 | 381.67 | 1,223.88 | 13.63 | 43.69 |
| 13. | 31 | ହସ୍ତତନ୍ତ ,ବୟନଶିଳ୍ପ ଓ ହସ୍ତଶିଳ୍ପ | 218.82 | 35.60 | 51.22 | 16.27 | 23.41 |
| 14. | 33 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | 683.49 | 79.05 | 171.58 | 11.57 | 25.10 |
| 15. | 36 | ମହିଳା ଓ ଶିଶୁ ବିକାଶ | 2,788.10 | 407.36 | 722.51 | 14.61 | 25.91 |
| 16. | 38 | ଉଚ୍ଚ ଶିକ୍ଷା | 2,197.50 | 340.03 | 707.26 | 15.47 | 32.18 |
| 17. | 39 | ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ | 631.12 | 78.41 | 177.60 | 12.42 | 28.14 |
| 18. | 40 | ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 111.69 | 21.21 | 39.26 | 18.99 | 35.15 |
| 19. | 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | 1,907.05 | 112.80 | 588.75 | 5.91 | 30.87 |

© ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକ
**2017**
**www.cag.gov.in**

**http://www.agodi.cag.gov.in/agodisha**